## ସଂକ୍ଷେପରେ

### ଛେଣ୍ଡିପଦା ବନାଞ୍ଚଳରେ ନରହନ୍ତା ଦନ୍ତା



ଛେଣ୍ଡିପଦା,୩୦।୯(ସ୍ୱ.ପ୍ର.)- ପ୍ରାୟ ୬ ମାସର ବ୍ୟବଧାନ ପରେ ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳରେ ପୁଣି ପ୍ରବେଶ କରିଛି ନରହନ୍ତା ଦନ୍ତା। ଏହାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଥିବାବେଳେ ବନ ବିଭାଗ ଚିନ୍ତାରେ ପଡିଛି। ଶନିବାର ହାତୀଟି ଦେବଗଡ ଅଞ୍ଚଳରୁ ପାଟକମୁଣ୍ଡା ସଂରକ୍ଷିତ ଜଙ୍ଗଲ ଦେଇ ତାର ପୁରୁଣା ରହଣୀସ୍ଥଳ କଙ୍କୁରପାଳ ସଂରକ୍ଷିତ ଜଙ୍ଗଲକୁ ଫେରିଛି। ୫ଟି ହାତୀପଲ ସହ ଦନ୍ତା ଦିନରେ ଏକାଠି ରହୁଥିବା ବେଳେ ରାତିରେ ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱରେ ଥିବା ଧାନ ବିଲରେ ପଶି ବ୍ୟାପକ ଫସଲ ନଷ୍ଟ କରୁଥିବା ବିଭାଗ ସୂତ୍ରରୁ ଜଣାପଡିଛି। ଛେଣ୍ଡିପଦାରୁ ବାହାଲସାହି ଦେଇ କମ୍ପସଲା, ବଡବେରେଣା ଓ ଛେଣ୍ଡିପଦାରୁ ଚାଙ୍ଗୁଡିଆ ରାସ୍ତାରେ ଯାତାୟାତ ବେଳେ ସତର୍କତା ଅବଲମ୍ବନ କରିବା ସହିତ ବିଭାଗର ବିନା ଅନୁମତିରେ ଜଙ୍ଗଲକୁ ପ୍ରବେଶ ନ କରିବା ପାଇଁ ଡାକବାଜି ଯନ୍ତ୍ର ଦ୍ୱାରା ଲୋକମାନଙ୍କୁ ସତର୍କ କରାଯାଇଛି। ପ୍ରକାଶଥାଉ କି, ଏହି ଦନ୍ତା ହାତୀ ଆକ୍ରମଣରେ ୩୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ତିନି ବର୍ଷରେ ଛେଣ୍ଡିପଦା ବନାଞ୍ଚଳରେ ୪ ଜଣ, କଣିହାଁ ବନାଞ୍ଚଳରେ ୨ଜଣ ଓ ଜରପଡା ବନାଞ୍ଚଳରେ ୪ ଜଣ ଲୋକ ଆକ୍ରମଣରେ ପ୍ରାଣ ହରାଇଛନ୍ତି। କଙ୍କୁରପାଳ ଜଙ୍ଗଲରେ ଦନ୍ତା ହାତୀର ଉପସ୍ଥିତି ନେଇ ବ୍ରାହ୍ମଣ ବିଲ, ଚାଙ୍ଗୁଡିଆ, ବାହଲସାହି, ବଡବେରାଣା, କମ୍ପସଲା ଆଦି ଗ୍ରାମଗୁଡିକରେ ଭୟର ବାତାବରଣ ଖେଳିଯାଇଛି। ବନବିଭାଗ ପକ୍ଷରୁ ହାତୀର ଗତବିଧି ଉପରେ ନଜର ରଖିବା ପାଇଁ ସ୍କ୍ୱାଡ ନିୟୋଜିତ କରାଯାଇଥିବା ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଦୁର୍ଗାଚରଣ ସାହୁ ପ୍ରକାଶ କରିଛନ୍ତି।

### ବାଗେଡିଆରେ ଭାଜପାର ପଥପ୍ରାନ୍ତ ସଭା

ଛେଣ୍ଡିପଦା,୩୦।୯(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ବାଗେଡିଆ ମଣ୍ଡଳ ବାଗଡିଆ ଛକଠାରେ ଭାଜପା ପକ୍ଷରୁ ରବିବାର ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ସକାଳ ୭ଟାରେ କୋଶଳା ମଣ୍ଡଳ ସଭାପତି ଅନନ୍ତ କୁମାର ବେହେରା, ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ ଓ ଜରପଡା ମଣ୍ଡଳ ସଭାପତି ଶତ୍ରୁଘନଙ୍କ ନେତୃତ୍ୱରେ ଆୟୋଜିତ ଏହି ପଥପ୍ରାନ୍ତ ସଭାରେ ଓଡ଼ିଶା ସରକାର ରାଜ୍ୟବାସୀଙ୍କୁ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଏହି ସଭାରେ ଅନୁଗୋଳ ଜିଲା ଭାଜପା ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।




■ବିଜେଡିର ମହିଳା ସମାବେଶ

# ମହିଳା ସଶକ୍ତୀକରଣ ଦେଶକୁ ଆଗେଇ ନେବ

ବଇଣ୍ଡା,୩୦।୯(ଡି.ଏନ.ଏ.)

ମହିଳାଙ୍କ ବିକାଶରେ ଦେଶର ବିକାଶ। ଏହି ଦୃଷ୍ଟିରୁ ମହିଳା ସଶକ୍ତୀକରଣ ଅପରିହାର୍ଯ୍ୟ। ଏହାକୁ ଆଖିରେ ରଖି କେବଳ ସେମାନଙ୍କ ପାଇଁ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି। ମହିଳାମାନେ କିପରି ରୋଜଗାରକ୍ଷମ ହେବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ସମସ୍ତ ମହିଳା ସ୍ୱାବଲମ୍ବୀ ହୋଇପାରିଲେ ଦେଶର ବିକାଶ ସମ୍ଭବ ବୋଲି ରବିବାର ଆଠମଲ୍ଲିକ ବ୍ଲକ ପେଡ଼ିପଥର ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ବିଜେଡିର ମହିଳା ସମାବେଶରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ଏହା କହିଛନ୍ତି। ବ୍ଲକ ବିଜେଡି ସଭାନେତ୍ରୀ ଧରିତ୍ରୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅନୁଗୋଳ ଜିଲା ବିଜେଡି ସଭାନେତ୍ରୀ ଗିରିଜା ନନ୍ଦିନୀ ସାହୁ ଉଦ୍‌ଘାଟନ କରିଥିଲେ।



ପେଡ଼ିପଥର ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ସମାବେଶରେ ଯୋଗ ଦେଇଥିବା ମହିଳାମାନେ।

ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ କହିଲେ, ମହିଳାମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସ୍ୱୟଂସହାୟକ ଗୋଷ୍ଠୀ ଜରିଆରେ ସେମାନଙ୍କୁ ଋଣ ଯୋଗାଯାଉଛି। ଓଡ଼ିଶାରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଏଥିରେ ଉପକୃତ ହୋଇଛନ୍ତି। ସେହିପରି ନିର୍ବାଚନ କ୍ଷେତ୍ରରେ ପୂର୍ବରୁ ବିଜୁ ବାବୁ ୩୩ ପ୍ରତିଶତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷିତ କରିଥିବାବେଳେ ନବୀନ ସରକାର ଏହାକୁ ବଢ଼ାଇ ୫୦ ପ୍ରତିଶତ କରିଛନ୍ତି। ମହିଳାଙ୍କ ସ୍ୱାସ୍ଥ୍ୟପାଇଁ ବିଜୁ ସ୍ୱାସ୍ଥ୍ୟବୀମା ଯୋଜନାରେ ୭ ଲକ୍ଷ ଟଙ୍କା ମଞ୍ଜୁର ବ୍ୟବସ୍ଥା ହୋଇଛି। ଛାତ୍ରୀମାନଙ୍କ ପାଇଁ ପୋଷାକ, ମଧ୍ୟାହ୍ନଭୋଜନ, ସାଇକେଲ ସହ ଖୁସୀ ଯୋଜନା ପ୍ରଚଳନ କରିଛନ୍ତି। ଏଥିସହ ଜନନୀ ସୁରକ୍ଷା ଯୋଜନାରେ ୧୦୨ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି ବୋଲି ମୁଖ୍ୟବକ୍ତା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦଳେଇ, ଆଠମଲ୍ଲିକ ବ୍ଲକ ଉପାଧ୍ୟକ୍ଷା ବବିତା କର୍ଣ୍ଣ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, କିଶୋରନଗର ବ୍ଲକ ବିଜେଡି ସଭାନେତ୍ରୀ ସୁଲୋଚନା ପ୍ରଧାନ, ୧ନଂ. ଜୋନ ଜିଲା ପରିଷଦ ସଦସ୍ୟା ବିନୋଦିନୀ ପ୍ରଧାନ, ୪ନଂ. ଜୋନ ଜିଲା ପରିଷଦ ସଦସ୍ୟା ସୁକାନ୍ତିବାଳା ନାୟକ, ୬ ନଂ. ଜୋନ ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ ଯୋଗ ଦେଇଥିଲେ। ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱର ଦେହୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପେଡ଼ିପଥର ସରପଞ୍ଚ ଅନ୍ନପୂର୍ଣ୍ଣା ବେହେରା ଧନ୍ୟବାଦ ଦେଇଥିଲେ। ବିଜେଡି ନେତା ଦିଲୀପ ସାହୁ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ।

■ଇଞ୍ଜେକ୍ସନ ନେଇ ମହିଳାଙ୍କ ମୃତ୍ୟୁ ଅଭିଯୋଗ

# ଗାଁ ବୈଠକରେ ହେଲା ଆପୋସ ସମାଧାନ

ଅନୁଗୋଳ ଅଫିସ, ୩୦।୯

ଦେହ ଭଲ ପାଇଁ ଏକ ଘରୋଇ କ୍ଲିନିକ୍‌ର ଫାର୍ମାଶିଷ୍ଟଙ୍କଠାରୁ ଇଞ୍ଜେକ୍ସନ ନେଇ ଗୁରୁତର ହୋଇଥିବା ଅନୁଗୋଳ ଥାନା ଅଞ୍ଚଳର ଜଣେ ମହିଳାଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି। ଗାଁ ବୈଠକରେ ଉଭୟପକ୍ଷ ମଧ୍ୟରେ ଘଟଣାର ଆପୋସ ସମାଧାନ ହୋଇଯାଇଥିବାରୁ ଏ ନେଇ ଥାନାରେ ପ୍ରଥମେ କରାଯାଇଥିବା ଅଭିଯୋଗ ଉଠାଇ ନିଆଯାଇ ଜିଲା ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରାଯାଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହ ଏକ ଅପମୃତ୍ୟୁ ମାମଲା ନଂ. ୧୨୭/୧୮ ରୁଜୁ କରି ତଦନ୍ତ ଚଳାଇଛି।

ଥାନାରେ ପ୍ରଥମ ଏତଲାରେ ଦର୍ଶାଯାଇଥିଲା ଯେ, ଗତ ୨୫ ତାରିଖରେ ଅସୁସ୍ଥ ମହିଳା ଉକ୍ତ ଘରୋଇ କ୍ଲିନିକକୁ ଯାଇ ଇଞ୍ଜେକ୍ସନ ନେଇଥିଲେ। ଏହାର ୪୫ ମିନିଟ୍ ପରେ ସେ ଅଧିକ ଅସୁସ୍ଥ ହୋଇପଡ଼ିଥିଲେ। ଶରୀରର ବିଭିନ୍ନ ସ୍ଥାନ ଫଳିଯିବା ସହ ହାତ ଗୋଡ଼ କୁଣ୍ଡେଇ ହୋଇଥିଲା। ଏହା ଦେଖି ତାଙ୍କ ଦୁଇ ଶିଶୁ ଉକ୍ତ କ୍ଲିନିକ୍‌କୁ ଯାଇ ଘଟଣା ସମ୍ପର୍କରେ କହିଥିଲେ। ପରେ ତାଙ୍କୁ ପ୍ରାଥମିକ ଚିକିତ୍ସା ପାଇଁ ଅନୁଗୋଳ ମେଡିକାଲକୁ ନିଆଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ କଟକ ପଠାଇ ଦେଇଥିଲେ। ହେଲେ ତାଙ୍କ ସ୍ୱାମୀ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବା ଡାକ୍ତର କହିଥିଲେ। ଫଳରେ ମହିଳାଙ୍କୁ ଘରକୁ ଫେରାଇ ଅଣାଯାଇଥିଲା। ଶନିବାର ଅବସ୍ଥା ଅଧିକ ବିଗିଡ଼ିବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାପରେ ମୃତକଙ୍କ ପରିବାର ହୋ ହାଲ୍ଲା କରିବା ସହ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କ ଇଞ୍ଜେକ୍ସନ ଯୋଗୁ ମୃତ୍ୟୁ ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଗାଁ ଲୋକଙ୍କ ସହ ସମ୍ପୃକ୍ତ ଫାର୍ମାସିଷ୍ଟ ବସି ଆପୋଷ ସମାଧାନ କରିଥିଲେ। ମୃତକଙ୍କ ପରିବାରକୁ ଫାର୍ମାସିଷ୍ଟ ଜଣକ ଆର୍ଥିକ ସହାୟତା ଦେବା ପରେ ଥାନାରେ ଦିଆଯାଇଥିବା ପ୍ରଥମ ଅଭିଯୋଗ ପ୍ରତ୍ୟାହାର କରଯାଇ ମହିଳାଙ୍କ ଦେହ ଖରାପ ଥିବାରୁ ତାଙ୍କର ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିବା ଦ୍ୱିତୀୟ ଏତଲାରେ ଦର୍ଶାଯାଇଥିଲା।

ପୋଲିସ କହିଛି, ଯେପରି ଅଭିଯୋଗ ହୋଇଛି ସେହି ଆଧାରରେ ତଦନ୍ତ କରାଯିବ। ଅନ୍ୟପକ୍ଷରେ ଅନୁଗୋଳ ଡ୍ରଗ୍ସ ଇନ୍ସପେକ୍ଟର ଦେବାଶିଷ ପାତ୍ର କହିଛନ୍ତି, ଥାନାରେ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବାରୁ ଆମ ପକ୍ଷରୁ ତଦନ୍ତ କରାଯିବ। ଇଞ୍ଜେକ୍ସନର ମାନ ପରୀକ୍ଷା ପାଇଁ ପଠାଯିବ। କେଉଁଠାରୁ ଉକ୍ତ ଇଞ୍ଜେକ୍ସନ ଆସିଛି ତାହାର ତଦନ୍ତ ମଧ୍ୟ କରାଯିବ। ଅନୁଗୋଳ ମୁଖ୍ୟ ଚିକିତ୍ସାଧିକାରୀ ଶିବ ପ୍ରସାଦ ପାଢ଼ୀ କହିଛନ୍ତି, ଯଦି ସମ୍ପୃକ୍ତ ଫାର୍ମାସିଷ୍ଟଙ୍କ ଲାଇସେନ୍ସ ନ ଥିବ ତେବେ ପୋଲିସରେ କେସ୍ ଦିଆଯିବ। ଏଭଳି ଲୋକଙ୍କୁ ଠାବ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କ୍ଲବ ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି।

# ଆଦର୍ଶ ଯୁଥ କ୍ଲବ ପକ୍ଷରୁ ବୃକ୍ଷରୋପଣ

ଛେଣ୍ଡିପଦା,୩୦।୯(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମର ଆଦର୍ଶ ଯୁଥ କ୍ଲବ ପକ୍ଷରୁ ରବିବାର ତୁକୁଡା ରୁଗୁଡିତଳ ପାହାଡ ପାଦଦେଶରେ ବୃକ୍ଷରୋପଣ କରାଯାଇଛି। କ୍ଲବ ସଭାପତି ବଶିଷ୍ଠ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜରପଡା ବନପାଳ ଲୋକନାଥ ପ୍ରଧାନ, ବିକାଶ ନାୟକ, କର୍ମଚାରୀ ଗଗନ ବିହାରୀ ମହାପାତ୍ର, ଗ୍ରାମ ସଭାପତି ହୃଷୀକେଶ ସାହୁ, ସମବାୟ ସମିତି ସଭାପତି ପ୍ରତାପ କୁମାର ପ୍ରଧାନ, ବରିଷ୍ଠ ନେତା ଲକ୍ଷ୍ମୀଧର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବୃକ୍ଷରୋପଣ କରିବା ସହ ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସମ୍ପାଦକ ରିଙ୍କୁ ପ୍ରଧାନ, ସଦସ୍ୟ ଜୟନ୍ତ ସାହୁ, ତରୁଣ ସାହୁ, ଭରଦ୍ୱାଜ ସାହୁ, ଅନନ୍ତ ସାହୁ, ବିଲାତ ସାହୁ, ପିଣ୍ଟୁ ସାହୁ, ସୁନୀଲ ସାହୁ, ଆଦିତ୍ୟ ସାହୁ, ପ୍ରଭାତ ବିଶ୍ୱାଳ, ସୁଜନ ସାହୁ, ଅଜିତ ଦେହୁରୀ, ଦୁର୍ଯ୍ୟୋଧନ ସାହୁ, ବଳବନ୍ତ ସାହୁ, ଅରୁଣ ସାହୁ, ବିଭୂତି ସାହୁ,ଆଶିଷ ସାହୁ, ଚନ୍ଦନ ଦେହୁରୀ, ବିଶ୍ୱଜିତ ନାୟକ, ମନୋଜ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ। ଏଥିରେ ଶାଗୁଆନ, ଗମ୍ଭାରୀ, ନିମ୍ବ,ଚାକୁଣ୍ଡା ଆଦି ବିଭିନ୍ନ ପ୍ରକାରର ପ୍ରାୟ ୨ ଶହରୁ ଅଧିକ ଚାରାରୋପଣ କରାଯାଇଥିଲା।

## କଂଗ୍ରେସ କର୍ମୀ ସମ୍ମିଳନୀ

ବଇଣ୍ଡା,୩୦।୯(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଠରପୁଟିଆ ନାଳ ନିକଟରେ ରବିବାର କଂଗ୍ରେସ ପକ୍ଷରୁ ଏକ କର୍ମୀ ସମ୍ମିଳମୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ଅନାମ ଚରଣ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ବ୍ଲକ କଂଗ୍ରେସ ସଭାପତି ଗୌରାଙ୍ଗ ଖୁଣ୍ଟିଆ, ଅଭୟ ବିଶ୍ୱାଳ, ସରପଞ୍ଚ ପ୍ରତାପ ସାହୁ, ଅଞ୍ଜଳି ସାହୁ, ମନୋରଞ୍ଜନ ଗଡନାୟକ, ବସନ୍ତ ସାହୁ, ସୁରେଶ ଚନ୍ଦ୍ର ସାହୁ, ଭଗବାନ ସାହୁ, ଗଣେଶ୍ୱର ଖୁଣ୍ଟିଆ, ହେମନ୍ତ ଖୁଣ୍ଟିଆ, ନେପାଳ ସାହୁ, ପ୍ରଫୁଲ୍ଲ ସାହୁଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ଏଥିରେ କଂଗ୍ରେସକୁ କିଭଳି ପ୍ରାଥମିକସ୍ତରରେ ମଜଭୁତ୍ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା।

## ଜମିବାଡ଼ି ବିବାଦରୁ ଗଣ୍ଡଗୋଳ

ଅନୁଗୋଳ ଅଫିସ, ୩୦।୯

ଅନୁଗୋଳ ହୁଲୁରୁସିଂହା ଅଞ୍ଚଳରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଛି। ଏଥିରେ ଜଣେ ଆହତ ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୬୬୯/୧୮ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ହୁଲୁରୁସିଂହାର ଅମୂଲ୍ୟ ଓ ତାଙ୍କ ଭ୍ରାଇଁ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଏକ ଭୁଜାଲିରେ ପପୁଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି।

DSPL-177



## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଉପଲକ୍ଷେ ବାର୍ତ୍ତା

ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ **ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ** ଭାବେ ପାଳନ କରାଯାଇଥାଏ । ଏହି ଅବସରରେ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ରକ୍ତଦାନ କ୍ଷେତ୍ରରେ ସହଯୋଗ କରୁଥିବା ଅନୁଷ୍ଠାନମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।

ରକ୍ତଦାନ ମହାପୁଣ୍ୟ । ସ୍ୱେଚ୍ଛାକୃତ ରକ୍ତଦାନ ଦ୍ୱାରା ଅନେକ ଜୀବନ ବଂଚାଯାଇପାରୁଛି ।

ଆସନ୍ତୁ, ଆଜିର ଏହି ଦିବସରେ ଆମେ ସମସ୍ତେ ସଂକଳ୍ପ ନେବା, ସ୍ୱେଚ୍ଛାକୃତ ଭାବେ ନିୟମିତ ରକ୍ତଦାନ କରି ବହୁମୂଲ୍ୟ ଜୀବନ ବଂଚାଇବା ସହିତ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହେବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

10080/13/0007/1819

DSPL-177



## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ବାର୍ତ୍ତା

ଅକ୍ଟୋବର ପହିଲା, **'ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ'** ଅବସରରେ ସ୍ୱେଚ୍ଛାକୃତ ରକ୍ତଦାତା ଏବଂ ରକ୍ତ ସଂଗ୍ରହଣ ସଂପୃକ୍ତ ଅନୁଷ୍ଠାନମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ।

ରକ୍ତଦାନ ଏକ ପୁଣ୍ୟ କାର୍ଯ୍ୟ ଏବଂ ଏହାଦ୍ୱାରା ଜୀବନରକ୍ଷା ହୋଇଥାଏ । ରକ୍ତର କୌଣସି ବିକଳ୍ପ ନଥିବାରୁ ଏହା କେବଳ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗୃହୀତ ହୋଇଥାଏ । ଆମ ରାଜ୍ୟରେ ଆବଶ୍ୟକ ପଡୁଥିବା ରକ୍ତରୁ ୭୦ ପ୍ରତିଶତ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ ମାଧ୍ୟମରେ ସଂଗୃହୀତ ହୋଇଥାଏ । ୧୮ ବର୍ଷରୁ ୬୫ ବର୍ଷ ବୟସ ମଧ୍ୟରେ ଥିବା ସମସ୍ତ ସୁସ୍ଥ ମଣିଷ ରକ୍ତଦାନ କରିପାରିବେ । ସ୍ୱେଚ୍ଛାକୃତ ରକ୍ତଦାନ କରି ନିଜେ ସୁସ୍ଥ ରହିବା ସହିତ ରକ୍ତ ଆବଶ୍ୟକ କରୁଥିବା ବ୍ୟକ୍ତିଙ୍କ ଜୀବନ ରକ୍ଷା କରିବା ଏକ ମହାନ କର୍ତ୍ତବ୍ୟ ।

ଆସନ୍ତୁ, ଆଜିର ଦିବସ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଓ ରକ୍ତଦାନ ମାଧ୍ୟମରେ ବହୁମୂଲ୍ୟ ଜୀବନ ରକ୍ଷା ପରି ମହତ୍ କାର୍ଯ୍ୟରେ ଭାଗୀଦାର ହେବାକୁ ସମସ୍ତେ ସଂକଳ୍ପ ନେବା ।

(ପ୍ରତାପ ଜେନା)
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ
ସୂଚନା ଓ ଲୋକ ସଂପର୍କ, ଓଡ଼ିଶା

10080/13/0007/1819

■ଆଜି ବିଜ୍ଞପ୍ତି ପରେ ଜୋର ଧରିବ ପ୍ରଚାର

# ଅସ୍ଥାୟୀ ପୋଲିସ କ୍ୟାମ୍ପ ପାଇଁ ଆବେଦନ

ଅନୁଗୋଳ ଅଫିସ, ୩୦।୯

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପୂର୍ବରୁ ଅନୁଗୋଳ ସରକାରୀ କଲେଜରେ ରାଜନୀତି ସରଗରମ ହୋଇଛି। ଇତିମଧ୍ୟରେ ତିନିଦଳ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଶନିବାର ମହାବିଦ୍ୟାଳୟ ପରିସରରେ ରାଜନୈତିକ ଉଷ୍ମତା ଏତେଟା ଦେଖିବାକୁ ମିଳି ନ ଥିବାବେଳେ ରବିବାର ନିଜ ନିଜର ସଙ୍ଗଠନକୁ ମଜଭୁତ କରି ସୋମବାର ପ୍ରଚାର ପାଇଁ ଛାତ୍ରନେତାମାନେ ସଜବାଜ ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଅନୁଗୋଳ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏସ୍‌ପିଙ୍କୁ ଭେଟି ମହାବିଦ୍ୟାଳୟ ପରିସରରେ ଅସ୍ଥାୟୀ ପୋଲିସ କ୍ୟାମ୍ପ କରିବାକୁ ଅନୁମତି ମାଗିଛନ୍ତି।



କଲେଜର ଉନ୍ନତି ନାରା ଦେଇ ଛାତ୍ର ବିଜେଡି ନିର୍ବାଚନକୁ ଓହ୍ଲାଇବ ବୋଲି ସୂଚନା ମିଳିଛି। ସେହିପରି ଛାତ୍ର କଂଗ୍ରେସ ମଧ୍ୟ ପୂର୍ବରୁ ମହାବିଦ୍ୟାଳୟ ପାଇଁ କରିଥିବା କାର୍ଯ୍ୟକୁ ଆଧାର କରି ପ୍ରଚାର କରିବ। ଏବିଭିପି ମଧ୍ୟ କଲେଜର ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ କରିଥିବା କହି ଛାତ୍ରୀଛାତ୍ରଙ୍କୁ ନେଇ ନିର୍ବାଚନ ପ୍ରଚାର ଆରମ୍ଭ କରିବ। ତେବେ ଛାତ୍ର ବିଜେଡି ପକ୍ଷରୁ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ଭାବେ ରୋଶନ ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ଶୁଭେନ୍ଦୁ ଶେଖର ସାହୁଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଛାତ୍ର କଂଗ୍ରେସ ସମ୍ମିତ କୁମାର ସାହୁ ଓ ସାଧାରଣ ସମ୍ପାଦକ ପଦ ପାଇଁ ସାହିଲ ଧିମନ୍‌ଙ୍କୁ ପ୍ରାର୍ଥୀ କରାଯିବାକୁ ଘୋଷଣା କରିଛି। ସେହିପରି ଏବିଭିପି ସରୋଜ ପ୍ରଧାନ ଓ ଦିବ୍ୟରଞ୍ଜନ ପ୍ରଧାନଙ୍କୁ ପ୍ରାର୍ଥୀ ଭାବେ ଘୋଷଣା ହୋଇଛି। ପୂର୍ବରୁ ସାଧାରଣ ସମ୍ପାଦକ ପଦ ଏବିଭିପି ହାତେଇ ନେଇଥିଲା। ସେହିପରି ଅନ୍ୟ ପଦଗୁଡ଼ିକରେ ଛାତ୍ର କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଥିଲେ। ତେବେ କଂଗ୍ରେସ ପୁଣି ପ୍ରତ୍ୟାବର୍ତ୍ତନ କରିବ ବୋଲି ଅଶା ରଖିଛି। ଏପରି କି ଗ୍ରୀଷ୍ମ ଛୁଟି ପରେ ଛାତ୍ର କଂଗ୍ରେସ ପକ୍ଷରୁ ବିଭିନ୍ନ ସମୟରେ ମହାବିଦ୍ୟାଳୟର ସମସ୍ୟା ଉପରେ ସ୍ୱର ଉତ୍ତୋଳନ କରାଯିବା ସହିତ ଅଣଛାତ୍ରଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଇବା ପାଇଁ ପ୍ରୟାସ କରାଯାଇଥିଲା। ଅନ୍ୟପକ୍ଷରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ କୌଣସି ବିଶୃଙ୍ଖଳାକୁ ପ୍ରଶ୍ରୟ ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ କରିବାକୁ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସୋମବାର ଠାରୁ କଲେଜରେ ଅସଲ ପ୍ରଚାର ହେବାକୁ ଥିବାବେଳେ ରବିବାର ରାତିରେ ଅନୁଗୋଳ ମହାବିଦ୍ୟାଳୟର ବିଭିନ୍ନ ହଷ୍ଟେଲରେ ଭୋଜି ଭାତର ଆସର ଜମିଥିବା ସୂଚନା ମିଳିଛି। ସେହିପରି ପୋଲିସ ମଧ୍ୟ ମହାବିଦ୍ୟାଳୟ ଆଖାପାଖ ଅଞ୍ଚଳରେ ପଇଁତରା ମାରିବା ଆରମ୍ଭ କରିଦେଇଛି।

**ସଂକ୍ଷେପରେ**

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ ଅଫିସ, ୩୦।୯-ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ୍ ବଡ଼ଝରା ଗ୍ରାମସ୍ଥିତ ସତ୍ୟନାରାୟଣ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଆଦିକନ୍ଦ ସାହୁଙ୍କୁ ରବିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।

ଦୀର୍ଘ ୩୩ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କାର୍ଯ୍ୟକରି ସେ ଛାତ୍ରୀଛାତ୍ର ଏବଂ ଅଭିଭାବକ ମହଲରେ ପ୍ରିୟଭାଜନ ହୋଇପାରିଛନ୍ତି। ପ୍ରଧାନ ଶିକ୍ଷକ ନରୋତ୍ତମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବିଦାୟ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷକ ସଙ୍ଗଠନର ସମ୍ପାଦକ ସନ୍ତୋଷ କୁମାର ପରିଡ଼ା, ସମ୍ମାନିତ ଅତିଥି ପୁରାତନ କ୍ରୀଡ଼ା ଶିକ୍ଷକ ଯୁଗଳ କିଶୋର ସାହୁ, ହୃଦୟଚନ୍ଦ୍ର ଚମ୍ପତସିଂ, କାମପାଳ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ସଂପାଦକ ଅକ୍ଷୟ କୁମାର ଜେନା ସଭା ପରିଚାଳନା କରିଥିବାବେଳେ ସଭ୍ୟ ଦିଲୀପ ପାଲ, ବିଜୟ ଦେହୁରୀଙ୍କ ସମେତ ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ଶିକ୍ଷକ ସାହୁଙ୍କ ନିରାମୟ ଜୀବନ କାମନା କରିଥିଲେ। ବ୍ଲକ୍ ସଭାପତି ଅରୁଣ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଘଟିପିରି ବଜାରରେ ସଫେଇ କାର୍ଯ୍ୟକ୍ରମ

ଭାପୁର, ୩୦।୯(ଡ.ଏନ୍.ଏ.)-ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଧୀନ ଘଟିପିରି ବଜାର ପରିସରକୁ ରବିବାର ସଫେଇ କରାଯାଇଛି। ସ୍ଥାନୀୟ ମହାବୀର ୟୁଥ୍ କ୍ଲବ୍‌ର କର୍ମକର୍ତ୍ତାମାନେ ଝାଡୁ, କୋଡି ସହାୟତାରେ ୨୦୦ ମିଟର ବ୍ୟାପୀ ଡ୍ରେନ୍ ଓ ଅଳିଆଗଦା ସଫା କରିଥିଲେ। ଅଳିଆ ହଟାଇବା ଲାଗି ଟ୍ରାକ୍ଟର ଓ ଜେସିବି ମେଶିନ ନିୟୋଜିତ ହୋଇଥିଲା। କ୍ଲବ ସଭାପତି ମନୋରଞ୍ଜନ ସାହୁ, ସମ୍ପାଦକ ସରୋଜ ସାହୁ, କୋଷାଧକ୍ଷ ରମେଶ ପ୍ରଧାନ, ସଞ୍ଜୟ ନାଥ, ରଞ୍ଜନ ନାଥ, ବିକଳ ସାହୁ, ସନ୍ତୋଷ ସାହୁ, ହେମନ୍ତ ସାହୁ, ପବିତ୍ର ସାହୁ, ପୀୟୂଷ ପଣ୍ଡା, ମାନସ ପଣ୍ଡା, ଲିଟୁ ସାହୁ, ପିଣ୍ଟୁ ସାହୁ, ସୁଶାନ୍ତ ସାହୁ, ଲକି ସାହୁ, ବଜାର କମିଟି ସଦସ୍ୟ ରମେଶ ପଣ୍ଡା, ଅଭିମନ୍ୟୁ ସାହୁ, ସୁବର୍ଣ୍ଣ ବର ପ୍ରମୁଖ ସହଯୋଗ କରିଥିଲେ।

## ବାଛୁରିବାଙ୍କରେ 'ମନ୍ କୀ ବାତ୍'



ଓଡ଼ାପଡ଼ା, ୩୦।୯(ଡି.ଏନ.ଏ.)-ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବାଙ୍ଗୁରସିଂହ ପଞ୍ଚାୟତ ବାଛୁରିବାଙ୍କ ଗ୍ରାମରେ ରବିବାର ଭାଜପା ଯୁବମୋର୍ଚ୍ଚା ସଭାପତି ପଙ୍କଜ ଲୋଚନ ଦାସଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଲୋକଙ୍କୁ ଶୁଣାଯାଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟସଭା ସଦସ୍ୟ ରୁଦ୍ରନାରାୟଣ ପାଣି, ସମ୍ମାନିତ ଅତିଥି ଜିଲା ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ଜିଲା ପରିଷଦ ସଭ୍ୟା ଇତିଶ୍ରୀ ସାହୁ ଯୋଗ ଦେଇଥିଲେ। ରେଡିଓରେ ପ୍ରସାରିତ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଗ୍ରାମ କୋଠଘରେ ଲୋକମାନେ ଶୁଣିଥିଲେ। ଏହି ଅବସରରେ ରୁଦ୍ରନାରାୟଣ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟ ସରକାର ଯୋଜନାର ନାମ ପରିବର୍ତ୍ତନ କରି ବାହାବା ନେଉଥିବା ଅତିଥିମାନେ ଅଭିଯୋଗ କରିଥିଲେ। ମଣ୍ଡଳ ସାଧାରଣ ସମ୍ପାଦକ ରଣଜିତ ନାୟକ, କୋଷାଧ୍ୟକ୍ଷ ସମରଜିତ ପଟ୍ଟନାୟକ, ଜିଲା ଭାଜପା ସମ୍ପାଦକ ସହଦେବ ପୃଷ୍ଟି, ଗ୍ରାମ ସଭାପତି ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ଆମ ପୋଲିସ ସମିତି ବୈଠକ

କଣିହାଁ,୩୦।୯(ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ଥାନା ପରିସରରେ ଶନିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଆଇଆଇସି ସରୋଜକାନ୍ତ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ଥାନା ଅଞ୍ଚଳର ମାନ୍ୟଗଣ ବ୍ୟକ୍ତି, ନୃସିଂହ ବରାଳ, ଦିଗାମ୍ବର ସାମଲ, ଶତ୍ରୁଘ୍ନ ପ୍ରଧାନ, ନବଘନ ବିଶି, ଧ୍ରୁବ ଚରଣ ଧୀର, ଡିଲେଶ୍ୱର ସାହୁ, ଦୁଃଖବନ୍ଧୁ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ କିପରି ସୁସମ୍ପର୍କ, ରେଙ୍ଗାଳି ଅଞ୍ଚଳରେ ଟ୍ରାଫିକ ସମସ୍ୟା, ବେଆଇନ ଜବରଦଖଲ, ପରିବେଶ ସୁରକ୍ଷା, ଶାନ୍ତିଶୃଙ୍ଖଳା ରକ୍ଷା ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା।

■ଜିଲା ମୁଖ୍ୟ ଚିକିତ୍ସାଳୟ ଅଗ୍ନିକାଣ୍ଡ ଘଟଣା

# ଦୋଷ ଘୋଡ଼ାଇବାକୁ ଉଦ୍ୟମ

**ଢେଙ୍କାନାଳ ଅଫିସ, ୩୦।୯**



■୨୪ ଘଣ୍ଟା ପରେ କାର୍ଯ୍ୟାନୁଷ୍ଠାନ ନୋହିଲା

■ତଳିଆ କର୍ମଚାରୀଙ୍କୁ ବଳି ପକାଇବାକୁ ମସୁଧା

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବେଆଇନ ଭାବେ ଚାଲିଥିବା କ୍ୟାଣ୍ଟିନରେ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ବିତିଛି ୨୪ ଘଣ୍ଟା। ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଚିକିତ୍ସାଳୟ କର୍ତ୍ତୃପକ୍ଷ ଏବଂ ସ୍ୱାସ୍ଥ୍ୟ ବିଭାଗ ନିଜ ଦୋଷ ଘୋଡ଼ାଇବା ପାଇଁ ମସୁଧା କରୁଥିବା ଚର୍ଚ୍ଚା ହେଉଛି। ତଳିଆ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉଦ୍ୟମ ଚାଲିଥିବା ଭିତରିଆ ସୂତ୍ରରୁ ଜଣାପଡ଼ିଛି।

ସିଡିଏମ୍‌ଓଙ୍କ ଜାଣତରେ ୫ମହଲା ସର୍ଜରୀ ୱାର୍ଡ ନିକଟରେ ବେଆଇନ ଭାବେ କ୍ୟାଣ୍ଟିନ ଚାଲିଥିଲା। ଗ୍ୟାସ୍ ଏବଂ କୋଇଲାରେ ରୋଷେଇ କରାଯାଉଥିଲା। ଫଳରେ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇସାରିଛି। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ରବିବାର ସନ୍ଧ୍ୟାସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ନୀରବଦ୍ରଷ୍ଟା ସାଜିବା ଆଲୋଚନାର ବିଷୟ ହୋଇଛି। ନିଜ ଭୁଲକୁ ସ୍ୱୀକାର କରିବା ପରିବର୍ତ୍ତେ ଅନ୍ୟ ଉପରେ ଦୋଷ ଲଦିବାକୁ ଉଦ୍ୟମ କରାଯାଉଥିବାରୁ ଅଧିକାରୀ ନୀରବତା ଅବଲମ୍ବନ କରୁଥିବା ଜଣାପଡ଼ିଛି।

ଘଟଣାର ତଦନ୍ତକାରୀ ଅଧିକାରୀ ତଥା ଉପଜିଲାପାଳ ପୀତାମ୍ବର ସାମଲ କୁହନ୍ତି, ଅଗ୍ନିକାଣ୍ଡ ଘଟିଥିବା କ୍ୟାଣ୍ଟିନ ପ୍ରକୋଷ୍ଠକୁ ତାଲା ପକାଇ ଦିଆଯାଇଛି। ସେହିପରି ୫ମ ମହଲାରେ କାର୍ଯ୍ୟକ୍ଷମ ହେଉ ନ ଥିବା ପ୍ରକୋଷ୍ଠଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାଣି ସମସ୍ୟା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଡ. ବାସୁଦେବ ବେହେରା କୁହନ୍ତି, ମେଡିକାଲ ଦାୟିତ୍ୱରେ ଏଡିଏମ୍‌ଓଙ୍କୁ ସୋମବାର ସୁଦ୍ଧା ତଦନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ କୁହାଯାଇଛି। ଏହାପରେ କାରଣ ଦର୍ଶାଅ ନୋଟିସ ଏବଂ ନିଲମ୍ବନ ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି। ଜିଲାର ପ୍ରମୁଖ ସ୍ୱାସ୍ଥ୍ୟ ଅନୁଷ୍ଠାନର ଅଧିକାରୀଙ୍କ ଦାୟିତ୍ୱହୀନତାରୁ ଅଗ୍ନିକାଣ୍ଡ ଏବଂ ଏହାକୁ ଚପାଇ ଦେବାକୁ କରାଯାଉଥିବା ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି।




# ସର୍ଜିକାଲ ଷ୍ଟ୍ରାଇକ୍ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ

**ହିନ୍ଦୋଳ, ୩୦।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ କଲେଜରେ ଶନିବାର ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅସିତ କୁମାର ଜେନାମଣିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ କ୍ୟାପଟେନ୍ ରବିନାରାୟଣ ଆଚାର୍ଯ୍ୟ ଯୋଗଦେଇ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପାକିସ୍ତାନ ଛାତିରେ ସର୍ଜିକାଲ୍ ଷ୍ଟ୍ରାଇକ୍ କରି ଭାରତୀୟ ସେନା ବୀରତ୍ୱ ପ୍ରଦର୍ଶନ କରିଥିଲେ। ଏହି ଘଟଣା ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କ୍ୟାପ୍‌ଟେନ ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବାୟୁସେନା ଅଧିକାରୀ ବଟକୃଷ୍ଣ ସାହୁ, ଏନ୍‌ସିସି ଅଧିକାରୀ ଲ୍ୟୁଟ୍‌ନାଣ୍ଟ କିଶୋର କୁମାର ପୃଷ୍ଟି ଯୋଗଦେଇ ଦିବସ ପାଳନର ଅନୁଚିନ୍ତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ଅକ୍ଷୟ କୁମାର ପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ଅଧ୍ୟାପକ ଡ. ମହେନ୍ଦ୍ର ସ୍ୱାଇଁ, ଶିବଶଙ୍କର ଦାସ, ସରୋଜ ସାହୁ, ଦିଲୀପ ସାହୁ, ବିମଳ ସାହୁ, ଅଧ୍ୟାପିକା ରାଜଶ୍ରୀ ସାହୁ, ଲକ୍ଷ୍ମୀପ୍ରିୟା ବେଉରିଆ, ଅନିଲ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ତଦାନ ଶିବିର



ଜଣେ ସ୍ୱେଚ୍ଛାସେବୀଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ଢେଙ୍କାନାଳ ଅଫିସ, ୩୦।୯**

ସାମାଜିକ କର୍ମୀ ସ୍ୱର୍ଗତ ଅପର୍ତ୍ତି ସାହୁଙ୍କ ସ୍ମୃତିରେ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୧୮ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ମୁଖ୍ୟଅତିଥି ଭାବେ ହର୍ଷବର୍ଦ୍ଧନ ସିଂଦେଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ରକ୍ତଦାନ ମହତ ଦାନ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଚନ୍ଦ୍ରିକା ସିଂଦେଓ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। ଅବିନାଶ ସାହୁ, ଅଭିଲାଷ ସାହୁ ଶିବିର ପରିଚାଳନା କରିଥିଲେ । ବିଜୟ ସ୍ୱାଇଁ, ଜଗମୋହନ ସାହୁ, ଅଭିମନ୍ୟୁ ବେହେରା, ଗାନ୍ଧୀ ମନ୍ଦିର କ୍ଲବ ସଦସ୍ୟ, ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# ୨ରୁ ପୁସ୍ତକ ମେଳା

**କଣିହାଁ,୩୦।୯(ଡି.ଏନ.ଏ.)**

କଣିହାଁ ବ୍ଲକ ବିଜିଗୋଳ ରାମମନ୍ଦିର ନିକଟ ରଙ୍ଗବେଡ଼ା ପଡ଼ିଆରେ ଅକ୍ଟୋବର ୨ରୁ ପୁସ୍ତକ ମେଳା ଓ ଲୋକ ମହୋତ୍ସବ ଶୁଭାରମ୍ଭ ହେବ। ଏହା ପବିତ୍ରମୋହନ ନାଗରିକ ମଞ୍ଚ ଆନୁକୂଲ୍ୟରେ ୯ ଦିନ ଧରି ଚାଲିବ। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ, ବିଧାୟକ, ସାହିତ୍ୟିକ, କଳାକାରଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଅଶଂଗ୍ରହଣ କରିବେ। ବିଭିନ୍ନ ପ୍ରକଳ୍ପ ଅଧିକାରୀ ସହଯୋଗୀ ଅନୁଷ୍ଠାନ ଓ ବ୍ୟକ୍ତି ମଧ୍ୟ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଜନସାଧାରଣ ସହଯୋଗ କରିବାକୁ ଆୟୋଜନ କମିଟି ପକ୍ଷରୁ ନିବେଦନ କରାଯାଇଛି।

## କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଛେଣ୍ଡିପଦା,୩୦।୯(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମର ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳ ସେବା ସଂସଦ ଆନୁକୂଲ୍ୟରେ ୨ ଦିନ ଧରି ଚାଲିଥିବା ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସଂସଦ ସଭାପତି ଦିଲୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କବାଡି, ଭଲିବଲ, ଦୌଡ, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଜାଭଲିନ ଥ୍ରୋ, ଡିସକସ ଥ୍ରୋ, ଦଉଡି ଟଣା ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ କ୍ଲବ ଏବଂ ଯୁବକ ସଂଘର ଯୁବକମାନେ ଭାଗ ନେଇଥିଲେ। ବିଭିନ୍ନ ବିଭାଗରେ ସଫଳତା ଅର୍ଜନ କରିଥିବା ଯୁବକମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚ ତପସ୍ୱିନୀ ସାହୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବରିଷ୍ଠ ଶିକ୍ଷକ ବିପିନ ବିହାରୀ ମିଶ୍ର, କ୍ରୀଡା ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ଅନୁଗୋଳ ନେହେରୁ ଯୁବକେନ୍ଦ୍ର ବ୍ଲକ ସମନ୍ୱୟକାରୀ ରାମଚନ୍ଦ୍ର ସାହୁ, ସଂଯୋଜିକା ହେମାଲିନ ଜେନା ପ୍ରମୁଖ ଯୋଗଦେଇ ଥିଲେ। ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

■'ନୂଆ ମଧୁଶାଳା' ଲୋକାର୍ପିତ

# କବିତା ମଣିଷର ଅନ୍ତଃସ୍ୱର




'ନୂଆ ମଧୁଶାଳା' ସଙ୍କଳନ ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ସହରସ୍ଥିତ ଶ୍ରୀରାମ ମଣ୍ଡପରେ ରବିବାର ସନ୍ଧ୍ୟାରେ କବି ସୁରେଶ ପ୍ରସାଦ ମିଶ୍ରଙ୍କ କବିତା ସଙ୍କଳନ 'ନୂଆ ମଧୁଶାଳା' ଲୋକାର୍ପିତ ହୋଇଯାଇଛି। ଭାରତୀୟ ଜନସଞ୍ଚାର ସଂସ୍ଥାନର ମୁଖ୍ୟ ଡ. ମୃଣାଳ ଚାଟାର୍ଜୀଙ୍କ ସଭାପତିତ୍ୱରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖ୍ୟାତନାମା କବି ରାଜେନ୍ଦ୍ର କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କବି ଭାଗୀରଥି ମିଶ୍ର ଯୋଗଦେଇ କହିଲେ, କବିତା ମଣିଷର ଅନ୍ତଃସ୍ୱର ବୋଲି ମତବ୍ୟକ୍ତ କରିଥିଲେ। କବି ଡ. ପ୍ରଦୀପ କୁମାର ପଣ୍ଡା କହିଲେ, ପ୍ରେମ ବିନା କବିତା ନାହିଁ। ପ୍ରେମରେ ପ୍ରତାରଣା ସାହିତ୍ୟରେ ମାଧୁର୍ଯ୍ୟ ଭରିଦିଏ ବୋଲି ସେ ଅଭିବ୍ୟକ୍ତି ରଖିଥିଲେ। କବି ରାଜେନ୍ଦ୍ର କିଶୋର ପଣ୍ଡା ତାଙ୍କର ସାରଗର୍ଭକ ବକ୍ତବ୍ୟ କହିଲେ, ପ୍ରେମ କେବଳ ଏକ ମାନବିକ ସମ୍ପର୍କ ନୁହେଁ । ମଣିଷର ସର୍ଜନ ଶକ୍ତିକୁ ଜାଗ୍ରତ କରେ ପ୍ରେମ। ଏହାପରେ ସବୁ ଦ୍ୱାର ଖୋଲିଯାଏ। ମନ, ଦେହ, ଚେତନା ଉନ୍ମୁକ୍ତ ହୋଇଗଲେ ସର୍ଜନା ପ୍ଲାବିତ ହୁଏ। କବିତା ଲୋକାର୍ପଣ ଉତ୍ସବରେ ଇଟେକ୍ ଆବାସିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରେଶ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ଅଧ୍ୟାପକ ବିରଞ୍ଚି ନାରାୟଣ ସାମଲ ପୁସ୍ତକର ସଂକ୍ଷିପ୍ତ ସମୀକ୍ଷା ଉପସ୍ଥାପନ କରିଥିଲେ। ପୁସ୍ତକର ରଚୟିତା ମିଶ୍ର କବିତା ଆବୃତ୍ତି କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକାର୍ପଣ ଉତ୍ସବରେ ଜିଲା ସମେତ ଜିଲା ବାହାରୁ ବହୁ ସାରସ୍ୱତ ସାଧିକାସାଧକ ଯୋଗ ଦେଇଥିଲେ।

# ଶିକ୍ଷାବିତ୍ ରଘୁନାଥ ନନ୍ଦଙ୍କ ଜୟନ୍ତୀ



ଶିକ୍ଷାବିତ୍ ରଘୁନାଥ ନନ୍ଦଙ୍କ ଜୟନ୍ତୀ ଉତ୍ସବ।

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ଗୋପବନ୍ଧୁ ଟାଉନ୍ ହଲ୍‌ରେ ଶନିବାର ପୂର୍ବାହ୍ନରେ ବିଶିଷ୍ଟ ଶିକ୍ଷାବିତ୍, ସାହିତ୍ୟିକ ପଣ୍ଡିତ ରଘୁନାଥ ନନ୍ଦଙ୍କ ୯୦ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏଫ୍‌ସିଆଇର ଅବସରପ୍ରାପ୍ତ ପରିଚାଳକ ଚନ୍ଦ୍ରଶେଖର ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ରଘୁନାଥଙ୍କ ସାରସ୍ୱତ କୃତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରଘୁନାଥ ନନ୍ଦଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା।

ଉତ୍ସବରେ ଅଧ୍ୟକ୍ଷତା କରି ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ କହିଲେ, ରଘୁନାଥ ନନ୍ଦ ଜଣେ କ୍ରାନ୍ତିଦର୍ଶୀ ମଣିଷ। ତାଙ୍କ ହାତରେ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ାଯାଇଛି। ତାଙ୍କ ଲେଖନୀ ସର୍ବଦା ସମାଜରେ ପରିବର୍ତ୍ତନର ସ୍ୱର ଖୋଜିଛି। ଜଣେ ଆଦର୍ଶବାଦୀ ଶିକ୍ଷାବିତ୍, ସୁସାହିତ୍ୟିକ ଭାବେ ସେ ସବୁଠି ପରିଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଭବାନୀ ପ୍ରସାଦ ମିଶ୍ର, ଦୀପାନ୍ୱିତା ନନ୍ଦ, ଡ. ସୁଧାଂଶୁ ଦାଶ, କବି ଜ୍ଞାନ ନନ୍ଦ ସ୍ୱରଚିତ କବିତା ପାଠ କରିଥିଲେ। ଶିକ୍ଷକ ଦେବୀପ୍ରସାଦ ମିଶ୍ର ଅତିଥି ପରିଚୟ, ଗିରିଜା ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଏବଂ ଶକ୍ତି ପ୍ରସାଦ ନନ୍ଦ ଧନ୍ୟବାଦ ଦେଇଥିଲେ।

■ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ମହିଳା ସମାବେଶ

# ସରକାରୀ ଯୋଜନାରେ ସାମିଲ ହେବାକୁ ଆହ୍ୱାନ

**ରାସୋଳ, ୩୦।୯(ଡ.ଏନ୍.ଏ.)**




ସମାବେଶରେ ବିଧାୟିକାଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା ରାସୋଳରେ ରବିବାର ହିନ୍ଦୋଳ ନିର୍ବାଚନମଣ୍ଡଳୀସ୍ତରୀୟ ବିଜୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ସୀମାରାଣୀ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନମନ୍ତ୍ରୀ ରଘୁନାଥ ମହାନ୍ତି, ସମ୍ମାନିତ ଅତିଥି ରାଜ୍ୟ ବିଜେଡି ସମ୍ପାଦକ ସୁଧୀର କୁମାର ସାମଲ, ଜିଲା ପରିଷଦ ଅଧ୍ୟକ୍ଷା ମିନତି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାର ମହିଳାଙ୍କ ଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏହାକୁ ପ୍ରତି ପରିବାରରେ ପହଞ୍ଚାଇବା, ଉପଯୁକ୍ତ ହିତାଧିକାରୀ ଚୟନ, ଅଧିକରୁ ଅଧିକ ମହିଳାଙ୍କୁ ଦଳରେ ସାମିଲ କରି ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ବିଧାୟିକା ଆହ୍ୱାନ ଦେଇଥିଲେ। ଜିଲା ମହିଳା ସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ବ୍ଲକ ସଭାନେତ୍ରୀ ଯୋଗମାୟା ଗଡ଼ନାୟକ, ନାରୀନେତ୍ରୀ ଅପର୍ଣ୍ଣା ଦାସ, ନିର୍ବାଚନମଣ୍ଡଳୀ ସଭାପତି ସୁବ୍ରତ ଆଚାର୍ଯ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ଉପାଧ୍ୟକ୍ଷା ଅନସୂୟା ମାହୁନ୍ତ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବରିଷ୍ଠ କର୍ମକର୍ତ୍ତା ଦେବୀପ୍ରସାଦ ପଟ୍ଟନାୟକ, ବରୁଣ ସର, ଜିତେନ୍ଦ୍ର ଧର, ଗୋବିନ୍ଦ ବେହେରା, ପ୍ରଶାନ୍ତ ସର, ଆଶୁତୋଷ ମାଝି ପ୍ରମୁଖ ଯୋଗଦେଇ ସରକାରୀ ଯୋଜନା ପ୍ରତି ଗ୍ରାମରେ ପହଞ୍ଚାଇବାକୁ ଉପସ୍ଥିତ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ସମୀର ବେହେରା, ଦୁଃଖବନ୍ଧୁ ପ୍ରଧାନ, ରୁଦ୍ରନାରାୟଣ ପ୍ରସାଦ ଦାସ, ଶ୍ୟାମଚରଣ ଜେନା, ପ୍ରଶାନ୍ତ ଦାସ, ପ୍ରମୋଦପାଳ, ହେମନ୍ତ ସାହୁ, ହାପି ଗଡ଼ନାୟକ, ଅନିରୁଦ୍ଧ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ବିଜୁ ଯୁବବାହିନୀ କର୍ମକର୍ତ୍ତାଙ୍କ ସମେତ ୪ ହଜାରରୁ ଊର୍ଦ୍ଧ୍ୱ ମହିଳା ସମାବେଶରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଜୈବ ସମ୍ପଦ ପରିଚାଳନା କର୍ମଶାଳା

ଅନୁଗୋଳ ଅଫିସ,୩୦।୯- ଜୈବ ସମ୍ପଦ ପରିଚାଳନା ଓ ଆଇନର ବାସ୍ତବ କାର୍ଯ୍ୟକାରିତା ନେଇ ଆଞ୍ଚଳିକ କର୍ମଶାଳା ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ, ଦେବଗଡ, ସମ୍ବଲପୁର ଓ କନ୍ଧମାଳ ଜିଲାର ୯୦ ଜଣ ବିଏମସି ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜିଲା ପରିଷଦ ସଭାପତି ବାସନ୍ତି କିଷାନ, ସହକାରୀ ବନ ସଂରକ୍ଷକ ବାସୁଦେବ ନାୟକ, ଅବୈତିନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ କୁମାର ସାହୁ ଏବଂ ସୁଶୀଲ କୁମାର ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଜୈବ ବିବିଧତା ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ପରିଚାଳନା ସ୍ଥାନୀୟ ଗ୍ରାମବାସୀଙ୍କ ଦ୍ୱାରା ସମ୍ଭବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଇନଜୀବୀ ପ୍ରସନ୍ନ କୁମାର ବେହେରା ଆଇନର ବିଭିନ୍ନ ଦିଗ ସହିତ ବିଶେଷଭାବେ ବିଏମ୍‌ସିର ଗଠନ ପ୍ରଣାଳୀ, କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। କୋଶଳା, କନ୍ତପଡା, ଟାଇଁସି ଓ ବଡକେରା ଜୈବ ବିବିଧତା ସମିତି ଅଧକ୍ଷ ପ୍ରଦୀପ କୁମାର ସାହୁ, ବୀରେନ କୁମାର ପ୍ରଧାନ, ସୁଶିଲ କୁମାର ପ୍ରଧାନ ଏବଂ ବନମାଳୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଜୈବ ବିବିଧତା ବୋର୍ଡ ଏବଂ ପ୍ରକୃତି ପରିବେଶ ଓ ବନ୍ୟ ଜୀବନ ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାକୁ ସଂଯୋଜକ ସୁବ୍ରତ କୁମାର ପ୍ରଧାନ, ରବୀନ୍ଦ୍ର କୁମାର ସାହୁ ଆୟୋଜନ କରିଥିଲେ।

### ୩୫ ଗ୍ରାମରେ ଲାଗିଲା ସୋଲାର ଲାଇଟ୍



ତାଳଚେର,୩୦।୯(ନି.ପ୍ର.)- କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ପକ୍ଷରୁ ସିଏସ୍‌ଆର୍ ଯୋଜନାରେ ବିଭିନ୍ନ ଗ୍ରାମରେ ସୋଲାର ଲାଇଟ ସ୍ଥାପନ କରାଯାଇଛି। ବିଜିଗୋଳ, ଭୀମକାଣ୍ଡ, ଡେରଙ୍ଗ, ରଙ୍ଗବେଡା, ଗଦାଶିଳା, କରଡେଇ, କାଟେଣୀ, ଏମ୍‌ଜିଆର୍ ଲାଇନ, ପଥରମୁଣ୍ଡା, ଟାକୁଆ, କଣିହାଁ ସମେତ ୩୫ଟି ଗ୍ରାମରେ ୯୬ଟି ସୋଲାର ଲାଇଟ ଲଗା ଯାଇଛି।

### ଟ୍ରକ୍ ଭଙ୍ଗାରୁଜାକୁ ନେଇ ଉତ୍ତେଜନା

ତାଳଚେର,୩୦।୯(ନି.ପ୍ର.)- କୋଇଲା ଟ୍ରକ୍ କାଚ ଭାଙ୍ଗିବାକୁ କେନ୍ଦ୍ର କରି ରବିବାର ଅପରାହ୍ଣଠାରୁ ଏମ୍‌ସିଏଲ୍‌ର ଏଠାରେ ଥିବା ଭୁବନେଶ୍ୱରୀ ଖଣିରେ ଉତ୍ତେଜନା ଲାଗି ରହିଛି। ତାଳଚେର ପୋଲିସ ଘଟଣାସ୍ଥଳରେ ରହି ପରିସ୍ଥିତି ପ୍ରତି ନଜର ରଖିଛି। ପ୍ରକାଶ ଯେ, ଅପରାହ୍ଣରେ କେତେଜଣ ସ୍ଥାନୀୟ ଲୋକ ଖଣି ଭିତରେ ତାଳଚେର ବ୍ଲକ ଘଣ୍ଟପଡା ଗ୍ରାମର ଏକ ଟ୍ରକ୍‌କୁ ଭଙ୍ଗାରୁଜା କରିଥିଲେ। ଖବରପାଇ ଘଣ୍ଟପଡା ଗ୍ରାମର ଶତାଧିକ ଲୋକ ପହଞ୍ଚି ପରିବହନ ରାସ୍ତା ଅବରୋଧ କରିଥିଲେ। ଫଳରେ କୋଇଲା ପରିବହନ ବନ୍ଦ ରହିଛି। ଜେନେରାଲ ମ୍ୟାନେଜର ଘଟଣାସ୍ଥଳକୁ ଆସି ସ୍ଥାୟୀ ସମାଧାନ ପାଇଁ ସେମାନେ ଦାବି କରିଛନ୍ତି । ତାଳଚେର ପୋଲିସ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି।

### ଏମ୍‌ଜିଏନ୍‌ଆରଇଜିଏସ୍ ଶୁଣାଣି ଶିବିର

ଆଠମଲ୍ଲିକ,୩୦।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ସଭାଘରେ ଶନିବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ରାହାସ ବିହାରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ସାମାଜିକ ସମୀକ୍ଷକ ସୁଧାଂଶୁ ସ୍ୱାଇଁ, ଅଧକ୍ଷା ମିନାକ୍ଷୀ ଦଳେଇ, ଏମ୍‌ପିଙ୍କ ପ୍ରତିନିଧି କ୍ଷୀରୋଦ ବଘାର ପ୍ରମୁଖ ଯୋଗ ଦେଇଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ଏହି ଯୋଜନାରୁ ସରକାର ୫ କୋଟି ୧ ଲକ୍ଷ ୨୧ ହଜାର ଟଙ୍କା ଯୋଗାଇ ଦେଇଥିବା ବେଳେ ଏଥିରୁ ୨ କୋଟି ୬୦ ଲକ୍ଷ ୯୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଥିଲା। ବ୍ଲକରେ ସମୁଦାୟ ୨୩,୩୫୮ ପରିବାର ଏହି ଯୋଜନାରେ ପଞ୍ଜୀକୃତ ହୋଇଛନ୍ତି। ଏଥିରୁ ୭,୭୧୨ ପରିବାରର ୧୨,୦୨୦ ବ୍ୟକ୍ତିଙ୍କୁ କାମ ଯୋଗାଇ ଦିଆଯାଇଛି ବୋଲି ସୂଚନା ମିଳିଛି। ଏପିଓ ରଙ୍ଗଲାଲ ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ସ୍କୁଲ ଖୋ-ଖୋ ଅଫିସିଆଲଙ୍କୁ ଦୁର୍ବ୍ୟବହାର ଅଭିଯୋଗ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୩୦।୯**

ବଲାଙ୍ଗୀରର ଟିଟିଲାଗଡ଼ରେ ଗତ ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ଖେଳାଯାଇଥିବା ରାଜ୍ୟସ୍ତରୀୟ ସ୍କୁଲ ଖୋ ଖୋ ପ୍ରତିଯୋଗିତା ବେଳେ ଅନୁଗୋଳର ପିଇଟି (ଶାରୀରିକ ଶିକ୍ଷକ) ହାଡ଼ିବନ୍ଧୁ ସାହୁଙ୍କୁ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଉପ ନିର୍ଦ୍ଦେଶିକା ତଥା କଟକ ଜିଲା ଶାରିରୀକ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଦେଇ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ରବିବାର ଅନୁଗୋଳ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ମ୍ୟାଚରେ ସେଣ୍ଟ୍ରାଲ ଅଫିସିଆଲ ଥିବା ପ୍ରଶାନ୍ତ କୁମାର ସିହ୍ନା ଏହି ଅଭିଯୋଗ କରିଛନ୍ତି। ଉପ-ନିର୍ଦ୍ଦେଶିକାଙ୍କ ଏଭଳି ଆଚରଣ ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ବୋଲି ସିହ୍ନା କହିଛନ୍ତି। ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସିହ୍ନା ଅଭିଯୋଗ କରିଛନ୍ତି ଯେ, ଅନୁଗୋଳରୁ ୪ଟି ଦଳ ଏହି ରାଜ୍ୟସ୍ତରୀୟ ସ୍କୁଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଗତ ୨୮ତାରିଖରେ ଖେଳାଯାଇଥିବା ୧୭ ବର୍ଷରୁ କମ୍ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅନୁଗୋଳରୁ ଯାଇଥିବା ଅଫିସିଆଲମାନେ ଖେଳାଳିଙ୍କୁ ପଡ଼ିଆରେ ଉତ୍ସାହିତ କରୁଥିଲେ। ଏହାକୁ ନେଇ ଉପନିର୍ଦ୍ଦେଶିକା ରାଗି ଯାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ଚାଲିଥିବା ବେଳେ ଉପନିର୍ଦ୍ଦେଶିକା ଅନୁଗୋଳର ପିଇଟି ହାଡ଼ିବନ୍ଧୁ ସାହୁଙ୍କ କଲର ଧରି ପଡ଼ିଆରୁ ବିଦା କରିଦେଇଥିଲେ। ପଡ଼ିଆରେ ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ତାଙ୍କୁ ବାହାର କରିଦିଆଯାଇଛି ବୋଲି ଉପ ନିର୍ଦ୍ଦେଶିକା ସେତେବେଳେ କହିଥିଲେ। ଘଟଣାର ପରଦିନ ୨୯ ତାରିଖରେ ହେବାକୁ ଥିବା ପ୍ରତିଯୋଗିତାକୁ ପିଇଟିମାନେ ପରିଚାଳନା ନ କରିବାକୁ ନିଷ୍ପତ୍ତି ନେଇ ହୁଇସିଲ ଛାଡ଼ ଆନ୍ଦୋଳନ କରିଥିଲେ। ତେବେ ବଲାଙ୍ଗୀର ଜିଲା ମ୍ୟାଚ ପରିଚାଳନା କରୁଥିବାରୁ ଜିଲା ଶାରୀରିକ ଶିକ୍ଷକ ପିଇଟିମାନଙ୍କୁ ଅନୁରୋଧ କରିବା ପରେ ମ୍ୟାଚ ପରିଚାଳନା ହୋଇଥିଲା ବୋଲି ସିହ୍ନା କହିଛନ୍ତି। ଅନ୍ୟପକ୍ଷରେ ଉପ ନିର୍ଦ୍ଦେଶିକା ଲକ୍ଷ୍ମୀ ଦେଇ କହିଛନ୍ତି, ମ୍ୟାଚ ଚାଲିଥିବା ସମୟରେ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଥିବାରୁ ତାଙ୍କ ପିଠିରେ ହାତ ରଖି ଏପରି ଭାଷାରେ ଗାଳିଗୁଲଜ ନ କରିବାକୁ କହିଥିଲି। ଏପରିକି ସେ ବାହାର ପିଲା କି ଅଫିସିଆଲ ଜାଣି ନ ଥିଲି। ଏ ନେଇ ବଲାଙ୍ଗୀର ମ୍ୟାଚ ପରିଚାଳକଙ୍କୁ ମଧ୍ୟ ଅବଗତ କରିଥିଲି। ତେବେ ବୈଠକ ବସିବା ପୂର୍ବରୁ ଅଫିସିଆଲ ଜଣଙ୍କ ପ୍ରତିଯୋଗିତାରୁ ଚାଲିଯାଇଥିଲେ। ଯେ କୌଣସି ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ଉପ ନିର୍ଦ୍ଦେଶିକା କହିଛନ୍ତି।

## ୨ୟ ଦିନରେ ରେଙ୍ଗାଲି କ୍ଷତିଗ୍ରସ୍ତଙ୍କ ଅନଶନ

**ପାଲଲହଡ଼ା, ୩୦।୯(ଡି.ଏନ.ଏ.)**

ପାଲଲହଡ଼ା ରେଙ୍ଗାଲି ବୁଡ଼ି କ୍ଷତିଗ୍ରସ୍ତ ପ୍ରଜା ସଂଘ ଡାକରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪ ଦଫା ଦାବିରେ କ୍ଷତିଗ୍ରସ୍ତମାନେ ଚଳାଇଥିବା ଅନଶନ ରବିବାର ୨ୟ ଦିନରେ ପହଞ୍ଚିଛି। ଦୀର୍ଘ ୩୪ ବର୍ଷ ହେଲା ରେଙ୍ଗାଲି ବନ୍ଧ ବହୁମୁଖୀ ଜାତୀୟ ଯୋଜନାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କ ସମସ୍ୟା ସମାଧାନ କରାଯାଉ ନାହିଁ। ବ୍ଲକର ପ୍ରାୟ ୨୨୦ ଗ୍ରାମର ୩୩୦୦ ପରିବାର ଦୁର୍ଦ୍ଦଶା ଭୋଗୁଥିବାବେଳେ ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବା କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ସରକାର ୨୦୧୦ ରେ କ୍ଷତିଗ୍ରସ୍ତଙ୍କୁ ଏକର ପିଛା ୫୦,୦୦୦ ଟଙ୍କାର ଅନୁକମ୍ପା ମୂଳକ ସହାୟତା ଦେବାକୁ ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ସଂଘର ଆବାହକ ସନ୍ତୋଷ କୁମାର ଦେହୁରୀ ଅଭିଯୋଗ କରିଛନ୍ତି। ଅନଶନକୁ ୨ ଦିନ ହୋଇଯାଇଥିଲେ ମଧ୍ୟ କୌଣସି ପ୍ରଶାସନିକ ଅଧିକାରୀ ସେଠାକୁ ଆସି ନ ଥିବା ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ସେମାନଙ୍କ ଦାବି ନ ମାନିବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଦେହୁରୀ କହିଛନ୍ତି। ଗୋପାଳ ଚନ୍ଦ୍ର ବିଶ୍ୱାଳ, ମହେଶ୍ୱର ପ୍ରଧାନ, ବେଣୁଧର ଆଚାର୍ଯ୍ୟ, ବିଜୟ କିସାନ ପ୍ରମୁଖ ଅନଶନରେ ସାମିଲ ହୋଇଛନ୍ତି।



ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧିମାନେ।

## ତାଳଚେର ହେଲା ବାହ୍ୟ ଶୌଚମୁକ୍ତ ସହର

**ତାଳଚେର ,୩୦।୯(ନି.ପ୍ର)**

ତାଳଚେର ପୌର ପରିଷଦ ପକ୍ଷରୁ ରବିବାର ସ୍ଥାନୀୟ ଟାଉନହଲ୍ ଠାରେ ତାଳଚେର ସହରକୁ ବାହ୍ୟ ଶୌଚମୁକ୍ତ ସହର ଭାବେ ଘୋଷଣା କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ବିଡିଓ ନେତ୍ରାନନ୍ଦ ମଲ୍ଲିକ, ତାଳଚେର କଲେଜର ଏନ୍.ଏସ୍.ଏସ୍ ପ୍ରୋଜେକ୍ଟ ଅଫିସର ସୁନେଲି ଦେଇ, ପ୍ରେମଲତା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ନିଜ ପରିବେଶକୁ ସ୍ୱଚ୍ଛ ରଖିବା ନିମନ୍ତେ ପାଇଖାନା ବ୍ୟବହାର ସହିତ ବାହାରେ ଶୌଚ ନ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପୌରଯନ୍ତ୍ରୀ ଜୟନ୍ତ ପରିଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ନିର୍ବାହୀ ଅଧିକାରୀ ଅତସି ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ୱଚ୍ଛ ଭାରତ ମିଶନର ନୋଡାଲ ଅଫିସର ଉମାକାନ୍ତ ଦାସ, ସାନିଟାରୀ ଏକ୍ସପର୍ଟ ସୁନୀଲ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉପଜିଲାପାଳ ବାହାରେ ଶୌଚ ନ କରିବା ପାଇଁ ସମସ୍ତଙ୍କୁ ଶପଥପାଠ କରାଇ ଥିଲେ। ପୂର୍ବତନ କାଉନସିଲର, ସ୍ୱେଚ୍ଛାସେବୀ, ଏସ.ଏଚ.ଜି. ଗ୍ରୁପ୍ ସଦସ୍ୟା, କର୍ମଚାରୀ, ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

## ଚୋରି ଟିପ୍ପର ଉଦ୍ଧାର, ଜଣେ ଗିରଫ

**ବଣ୍ଟରପାଳ, ୩୦।୯(ଡି.ଏନ.ଏ.)**

ବଣ୍ଟରପାଳ ଥାନା ନୂଆହତା ନିକଟରୁ ଶନିବାର ଚୋରି ହୋଇଥିବା ଏକ ଟିପ୍ପରକୁ ପୋଲିସ ରବିବାର ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତ ବିନୟ ସିଂ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଟିପ୍ପର ଚାଳକ ଏସ୍‌ପି ଯାଦବଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୧୮୭/୨୦୧୮ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ଟିପ୍ପର(ନଂ. ଓଡ଼ି-୧୯ ୬୪୭୬)ଟି ତାଳଚେର ଅଭିମୁଖେ ଯାଉଥିଲା। ଚାଳକ ନୂଆହତା ନିକଟରେ ଗାଡି ରଖି ଚା' ପିଇବାକୁ ଯାଇଥିଲେ। ଫେରିଲାବେଳକୁ ଟିପ୍ପରକୁ ସେଠାରେ ସେ ଦେଖିବାକୁ ପାଇ ନ ଥିଲେ।

## ଛାତ୍ର ବିଜେଡିର ଲକ୍ଷ୍ୟ ସବୁ କଲେଜ ଦଖଲ

**ଅନୁଗୋଳ ଅଫିସ,୩୦।୯**

ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ବିଭିନ୍ନ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି କ୍ରମରେ ନିର୍ବାଚନୀ ବିଗୁଲ୍ ବଜାଇଛି ଛାତ୍ର ବିଜେଡି। ଶନିବାର ଅନୁଗୋଳ ପୌରପାଳିକା ଟାଉନ୍ ହଲ୍ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାର ସମସ୍ତ ଛାତ୍ର ସଂସଦକୁ ଦଖଲ କରିବାକୁ ଏଥିରେ ନେତାମାନେ ଆହ୍ୱାନ ଦେଇଥିଲେ।

ଛାତ୍ର ବିଜେଡି ଜିଲା ସଭାପତି ରାଜୀବ ଲୋଚନ ଦାସଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀମାନେ କିପରି ବିଜୟୀ ହେବେ ତାହା ଉପରେ ଆଲୋଚନା ହୋଇଥିଲା। ଜିଲା ଯୁବ ବିଜେଡି ପୂର୍ବତନ ସଭାପତି ତପନ କୁମାର ତ୍ରିପାଠୀ, ଜିଲା ଯୁବ ବିଜେଡି ସଭାପତି ଦୀନେଶ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ସୁଜିତ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ସଭାପତି ଅଜିତ ପ୍ରସାଦ ଦ୍ୱିବେଦୀ, ଅନୁଗୋଳ ବ୍ଲକ ସଭାପତି ସରୋଜ କୁମାର ସାହୁ, ଅନୁଗୋଳ ମ୍ୟୁନସିପାଲିଟି ସଭାପତି ବିଶ୍ୱରଞ୍ଜନ ସାହୁ, ଜିଲା ଯୁବ ବିଜେଡି ସମ୍ପାଦକ ସରୋଜ କୁମାର ନାୟକ ଓ ସଧୀର କୁମାର ନାୟକ, ଅନୁଗୋଳ ବିଧାୟକଙ୍କ ପୁଅ ଅନୁରଭ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ଅନୁଗୋଳ ସରକାରୀ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଶାନ୍ତିପୂର୍ଣ୍ଣ ଓ ସଫଳତାର ସହ ଏହି ନିର୍ବାଚନରେ ଅଂଶ ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିଜୁ ଯୁବ ଜନତା ଦଳର କର୍ମକର୍ତ୍ତାମାନେ ଛାତ୍ର ବିଜେଡିକୁ ସହଯୋଗ କରିବାକୁ ଜିଲା ଯୁବ ବିଜେଡି ସଭାପତି ଅନୁରୋଧ କରିଥିଲେ। ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ଭାବେ ରୋଶନ ପ୍ରଧାନ, ସାଧାରଣ ସମ୍ପାଦକ ଭାବେ ଶୁଭେନ୍ଦୁ ଶେଖର ସାହୁ, ଉପସଭାପତି ଭାବେ ରଞ୍ଜିତ ସାହୁ, ଅମିତ ରୋଶନ ଗଡ଼ନାୟକ ଛାତ୍ର ବିଜେଡିର ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ଅନୁଗୋଳ ମହିଳା ମହାବିଦ୍ୟାଳୟର ସଭାପତି ପ୍ରାର୍ଥୀ ଭାବେ ସ୍ନେହସ୍ମିତା ନାୟକ, ସାଧାରଣ ସମ୍ପାଦକ ଭାବେ ଆତ୍ମଜା ଦେ ପ୍ରାର୍ଥୀ ହୋଇଛନ୍ତି।

# ମୂକ, ବଧିର ବୋଝ ନୁହନ୍ତି: ଏଡିଏମ୍

**ଅନୁଗୋଳ ଅଫିସ, ୩୦।୯**




ଶୋଭାଯାତ୍ରକୁ ଅତିରିକ୍ତ ଜିଲାପାଳ ସବୁଜ ପତାକା ଦେଖାଉଛନ୍ତି।

ଅନୁଗୋଳରେ ବଧିର ସଂଘ ପକ୍ଷରୁ ୬୧ତମ ଅନ୍ତର୍ଜାତୀୟ ମୂକ ଓ ବଧିର ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ମୂକ ଓ ବଧିର ସଭ୍ୟା ସଭ୍ୟମାନେ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରକୁ ଉଦ୍‌ଘାଟନ କରିଥିଲେ। ବଧିରମାନେ ସମାଜ ପାଇଁ ବୋଝ ନୁହନ୍ତି ବରଂ ସେମାନେ ବିଭିନ୍ନ କ୍ଷେତ୍ରରେ ପାରିଦର୍ଶିତା ଲାଭ କରିଛନ୍ତି। ସହଯୋଗ, ଶ୍ରଦ୍ଧା ଦେଇ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଚିତ ବୋଲି ମୁଖ୍ୟ ଅତିଥି ଶତପଥୀ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର ବୈଦୁରା ଦୀପ, ଅନ୍ତର୍ନିବେସି ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ ଠାରେ ଜିଲା ବଧିର ସଂଘ ସଭାପତି ପର୍ଶୁରାମ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସାଧାରଣ ସମ୍ପାଦକ ବିଶ୍ୱଜିତ ହୋତା, ଉପ ସଭାପତି ମନୋରଞ୍ଜନ ସାମଲ ପ୍ରମୁଖ ଯୋଗଦେଇ ସରକାରୀ ଚାକିରିରେ ୪ ପ୍ରତିଶତ ବଦଳରେ ୫ ପ୍ରତିଶତ ସଂରକ୍ଷଣ ଦାବି କରିଥିଲେ। ପାଳନ କମିଟି ସହ ସମ୍ପାଦକ ମନୋଜ ସାହୁ, କୋଷାଧ୍ୟକ୍ଷ ରାମଚନ୍ଦ୍ର ନାଥ, ଅନୁଗୋଳ ସଦସ୍ୟ ସୁନୀଲ କୁମାର ମହାନ୍ତି, କାର୍ଯ୍ୟକାରୀ ସଦସ୍ୟା ସସ୍ମିତା ରାଣୀ ସୁଆର ଓ ରେଣୁବାଳା ବେହେରାଙ୍କ ସମେତ ଶତାଧିକ ସଭ୍ୟ ଯୋଗ ଦେଇଥିଲେ।

## ୧୦ ଛାତ୍ରୀଛାତ୍ରଙ୍କୁ ଓଏମ୍‌ସିର ସହାୟତା

**ଅନୁଗୋଳ ଅଫିସ, ୩୦।୯**

୨୦୧୬-୧୭ ହାଇସ୍କୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ମାଇନିଙ୍ଗ୍ କର୍ପୋରେଶନ ପକ୍ଷରୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଓଏମ୍‌ସି ରିଜିଓନାଲ ମ୍ୟାନେଜର ଦିଲୀପ କୁମାର ବଳ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କମ୍ପାନୀ ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ଛେଣ୍ଡିପଦା ବ୍ଲକର ସାଧାରଣ ବର୍ଗର ୪ ଜଣ, ଅନୁସୂଚିତ ଜାତିର ୩ ଜଣ ଓ ଜନଜାତିର ୩ ଛାତ୍ରୀଛାତ୍ରଙ୍କୁ ମନୋନୀତ କରାଯାଇଥିଲା। ଓଏମ୍‌ସି ପକ୍ଷରୁ ଛେଣ୍ଡିପଦା ଅଞ୍ଚଳରେ ଆଗାମୀ ଦିନରେ କୋଇଲା ଖଣି ହେବାକୁ ଥିବାରୁ ପ୍ରତ୍ୟେକ ବର୍ଷ ବ୍ଲକର ୧୦ ଜଣ ଛାତ୍ରୀଛାତ୍ରଙ୍କୁ ଏପରି ସହାୟତା ପ୍ରଦାନ କରାଯିବ। ୨୦୧୭-୧୮ ଶିକ୍ଷା ବର୍ଷର ଛାତ୍ରୀଛାତ୍ରଙ୍କୁ ଖୁବ୍‌ଶୀଘ୍ର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଏହି ଉତ୍ସବରେ ସୂଚନା ଦିଆଯାଇଥିଲା। ସେହିପରି କମ୍ପାନୀ ପକ୍ଷରୁ ଛେଣ୍ଡିପଦା, ବାଗେଡ଼ିଆ ଓ କୋଶଳା ଉଚ୍ଚ ବିଦ୍ୟାଳୟକୁ ଉନ୍ନତମାନର ଲାବୋରେଟୋରୀ ପାଇଁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି ବୋଲି ଜିଲା ଶିକ୍ଷାଧିକାରୀ ପ୍ରକାଶ କରିଛନ୍ତି।




ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ କରାଯାଉଛି।

■ବିଜୁ ଯୁବ ବାହିନୀ କାର୍ଯ୍ୟକ୍ରମ ସମୀକ୍ଷା

## ଅକ୍ଟୋବର ୨ରେ ନିଶା ମୁକ୍ତ ପାଇଁ ନେବେ ଶପଥ



ସମୀକ୍ଷା ବୈଠକରେ ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ, ୩୦।୯**

ଅନୁଗୋଳ ଜିଲାରେ ଗଠନ ହୋଇଥିବା ବିଜୁ ଯୁବ ବାହନୀର ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତିର ସମୀକ୍ଷା କରିଛନ୍ତି ରାଜ୍ୟ ଯୁବ କଲ୍ୟାଣ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପ ପଟ୍ଟନାୟକ। ଶନିବାର ଜିଲା ଗସ୍ତରେ ଆସି ପଟ୍ଟନାୟକ କହିଥିଲେ ଯେ, ସାରା ଓଡ଼ିଶାରେ ୩ ଲକ୍ଷ ୫୦ ହଜାର ଯୁବତୀ ଯୁବକ ବିଜୁ ଯୁବ ବାହିନୀରେ ଯୋଗଦେଇ ନିଜେ ହିରୋ ହେବାର ସ୍ୱପ୍ନ ଦେଖିବା ସହ ସାକାର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିଶା ନିବାରଣ ନିମନ୍ତେ ସମସ୍ତ ସଦସ୍ୟା ସଦସ୍ୟମାନେ ବ୍ଲକ ସ୍ତରରେ ଏକ ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଶପଥ ଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ବିଧାୟକ ରଜନୀକାନ୍ତ ସିଂ ଯୋଗଦେଇ ନିଜକୁ ଶ୍ରେଷ୍ଠ ଭାବି କାର୍ଯ୍ୟ କରିବାର ଇଚ୍ଛା ଶକ୍ତି ଜାଗ୍ରତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭାପତି ବାସନ୍ତି କିଷାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଛେଣ୍ଡିପଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବଣ୍ଟରପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଞ୍ଜଳି ଭୋଇ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାୟାଧର ବେହେରାଙ୍କ ସମେତ ବିଭିନ୍ନ ବ୍ଲକ ଓ ପୌରପାଳିକା ଅଞ୍ଚଳରୁ ଆସିଥିବା ଯୁବ ବାହିନୀର ସଂଯୋଜକ ଓ ସଦସ୍ୟା ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ମହେନ୍ଦ୍ର କୁମାର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଲଲହଡ଼ାରେ ବିଜୁ ମହିଳା ସମାବେଶ

**ପାଲଲହଡ଼ା, ୩୦।୯(ଡି.ଏନ.ଏ.)**

ପାଲଲହଡ଼ା ସଦରମହକୁମା ସ୍ଥିତ ଶରତ ଚନ୍ଦ୍ର କ୍ଲବ ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ରବିବାର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ବାସନ୍ତୀ କିସାନ ଯୋଗଦେଇ ନାରୀ ସଶକ୍ତୀକରଣ ଦିଗରେ ରାଜ୍ୟ ସରକାର ହାତକୁ ନେଇଥିବା ଯୋଜନା ସମ୍ପର୍କରେ ଆଲୋଚନା କରଥିଲେ। ଏଥିସହ ସରକାରଙ୍କ ଏହି କାର୍ଯ୍ୟକ୍ରମଗୁଡିକରୁ କିପରି ସବୁ ବର୍ଗର ମହିଳାମାନେ ସୁବିଧା ପାଇପାରିବେ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରଥମେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ଇନ୍ଦ୍ରମଣି ଗଡ଼ନାୟକ, ପୂର୍ବତନ ବ୍ଲକ ଅଧକ୍ଷା, ଯୋଗେଶ ଭୁକ୍ତା, ନିରୂପମା ବୋଷ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ମହେଶ ସାହୁ ମଞ୍ଚ ପରିଚାଳନା କରିଥିଲେ । ବ୍ଲକର ୨୭ଟି ପଞ୍ଚାୟତର ୩୦୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।

ଧରିତ୍ରୀ
DHARITRI
ଢେଙ୍କାନାଳ-ଅନୁଗୋଳ,ସୋମବାର, ୧ ଅକ୍ଟୋବର,୨୦୧୮



## ସଂକ୍ଷେପରେ

### ଜୈବିକ ପଦ୍ଧତିରେ ଚାଷ ପାଇଁ ତାଲିମ୍

ଛେଣ୍ଡିପଦା, ୩୦।୯(ଡି.ଏନ.ଏ.)- ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ କସିଡିହ ଗ୍ରାମଠାରେ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମହିଳା ଚାଷୀମାନଙ୍କ ପାଇଁ ରବିବାର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାନ, ପନିପରିବା ସମେତ ବିଭିନ୍ନ ଚାଷ ଉପରେ ମହିଳା ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ବିଶେଷ କରି ଜୈବିକ ପଦ୍ଧତିରେ ହାଣ୍ଡିଖତ ପ୍ରସ୍ତୁତି , ଜୀବାମୃତ, ପ୍ରାଣାମୃତ ପ୍ରସ୍ତୁତି ପ୍ରଣାଳୀ ସାଙ୍ଗକୁ ଏହା ବ୍ୟବହାର ଏବଂ ଉପକାରିତା ସମ୍ପର୍କରେ ସତନ୍ତ୍ର ଭାବେ ତାଲିମ ପ୍ରଦାନ କରାଯାଇଥିଲା। ରାସାୟନିକ ସାର ଏବଂ କୀଟନାଶକ ଔଷଧ ପରିବର୍ତ୍ତେ ଜୈବିକ ଉପାୟରେ ଚାଷୀମାନେ ପ୍ରାକୃତିକ ସାର ଏବଂ ଫସଲରେ ରୋଗପୋକ ନିୟନ୍ତ୍ରଣ ପାଇଁ କୀଟନାଶକ ଔଷଧ ପ୍ରସ୍ତୁତ କରି ଫସଲରେ ପ୍ରୟୋଗ କରିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ବାହ୍ୟ ଜୀବିକା ସହଯୋଗୀ ଜ୍ୟୋତ୍ସ୍ନା ସାହୁ ଯୋଗଦେଇ ଚାଷ ପାଇଁ ବିଭିନ୍ନ ଜ୍ଞାନ କୌଶଳ ଉପରେ ସବିଶେଷ ତାଲିମ ପ୍ରଦାନ କରିଥିଲେ। କୃଷିମିତ୍ରଙ୍କ ମାଧମରେ ପ୍ରତ୍ୟେକ ଚାଷୀ ସବିଶେଷ ତଥ୍ୟ ପାଇପାରିବେ ବୋଲି କୁହାଯାଇଥିଲା। କୃଷିମିତ୍ର କଳ୍ପନା ପଧାନ, ସତୀ ପ୍ରଧାନ, ଆରତୀ ଗଡନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଞ୍ଚଳର ମହିଳା ଚାଷୀମାନେ ଏଥିରେ ଯୋଗ ଦେଇ ତାଲିମ ନେଇଥିଲେ।

## ଢେଙ୍କାନାଳରେ ବୈଜୟନ୍ତ
# ‘ହେଇଯାଉ’ରେ ଚା’ ପିଆଇଲେ

ଢେଙ୍କାନାଳ ଅଫିସ,୩୦।୯

ଲୋକସଭାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ରବିବାର ଅପରାହ୍ଣ ୫ଟାରେ ଢେଙ୍କାନାଳ ଗସ୍ତରେ ଆସି ‘ହେଇଯାଉ’ ନାମକ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଢେଙ୍କାନାଳ କଲେଜ ବାଇପାସଠାରେ ପହଞ୍ଚିବା ପରେ ସମର୍ଥକମାନେ ତାଙ୍କୁ ଏକ ଶୋଭାଯାତ୍ରାରେ ସହରସ୍ଥିତ ଗଣେଶ ବଜାରକୁ ନେଇଥିଲେ। ସେଠାରେ ଥିବା ପର୍ଶୁ ଟି ଷ୍ଟଲରେ ହେଇଯାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଚା ଦୋକାନରୁ ବୈଜୟନ୍ତ ଚା ପିଇବା ସହିତ ନିଜ ସମର୍ଥକ ଓ ଅନ୍ୟମାନଙ୍କୁ ଚା ପିଆଇଥିଲେ । ତାଙ୍କ ସହ ପୂର୍ବତନ ବିଧାୟକ ନବୀନ ନନ୍ଦ, ହିନ୍ଦୋଳ ରାଜା ଶୈଳେନ୍ଦ୍ର ନାରାୟଣ ସିଂହଦେଓ ଯୋଗ ଦେଇଥିଲେ ।

ଏହି ଅବସରରେ ଖବରଦାତାମାନେ ତାଙ୍କୁ ଆଗାମୀ ନିର୍ବାଚନରେ ସେ ଢେଙ୍କାନାଳ ଲୋକସଭା ଆସନରୁ ପ୍ରାର୍ଥୀ ହେବେ କି ବୋଲି ପଚାରିବାରୁ ବୈଜୟନ୍ତ କହିଲେ, ନିର୍ବାଚନ ସମୟ ବହୁ ଦୂରରେ ରହିଛି। ଏବେଠାରୁ କୌଣସି ନିଷ୍ପତ୍ତି ନେଇହେବ ନାହିଁ । ସମୟ ଆସିଲେ ଉଚିତ ନିଷ୍ପତ୍ତି ନିଆଯିବ। ଓଡିଶାର ବିକାଶ କିପରି ହେବ ସେ ନେଇ ସବୁଆଡେ ବୁଲୁଛି । ଏବେ ବି ଲୋକମାନେ ମୋତେ ସ୍ନେହ ଦେଉଛନ୍ତି। କେବଳ ସୋସିଆଲ ମିଡିଆରେ ଜଣାଇଲି ଯେ, ରବିବାର ଢେଙ୍କାନାଳର ପର୍ଶୁ ଚା ଦୋକାନରେ ଯାଇ ଚା ପିଇବି । ସେତିକିରେ ଖବରପାଇ ମୋ ପାଖକୁ ବହୁ ସଂଖ୍ୟାରେ ଲୋକ ଆସିଛନ୍ତି । ମୋ ହେଲିକାପ୍ଟରକୁ ଜବତ କରି ସେମାନେ ଭାବିଲେ ଯେ ମୁଁ ଆଉ ବୁଲି ପାରିବି ନାହିଁ । ଯେଉଁମାନେ କେନ୍ଦ୍ରାପଡାରେ ମୋତେ ଜାଣିଛନ୍ତି ସେମାନେ ଦେଖିଛନ୍ତି ମୁଁ ଡଙ୍ଗା ଓ ଜିପ୍‌ରେ ମଧ୍ୟ ବୁଲେ। ମୋ ବିରୋଧରେ ମିଥ୍ୟା ମାମଲା କରି କିଛି ଲାଭ ହେବନି । ମୁଁ ସବୁବେଳେ ଓଡ଼ିଶାର ବିକାଶ ଚାହେଁ । ପର୍ଯ୍ୟଟନର ବିକାଶ ପାଇଁ ବେଳେବେଳେ ମିଡିଆର ଲୋକମାନଙ୍କୁ ସାଙ୍ଗରେ ଧରି ହେଲିକାପ୍ଟରରେ ବୁଲି ବିଭିନ୍ନ ଜାଗା ଦେଖାଇଥାଏ । ଆୟାରଙ୍କୁ କିନ୍ତୁ ମୁଁ ନେଇ ନ ଥିଲି । ସେ ଯେଉଁ ମନ୍ତବ୍ୟ ଦେଲେ ତାକୁ ନାପସନ୍ଦ କରିଛି ଏବଂ ଭୁଲ ମାଗିବା ପାଇଁ କହିଛି। ଯେଉଁ ଦଳରେ ପୂର୍ବରୁ ଥିଲି ସେହି ଦଳରେ ପ୍ରଥମେ ଦୁର୍ନୀତି ପାଇଁ ସଂଗ୍ରାମ ହେଉଥିଲା । ଗତ ୪।୫ ବର୍ଷ ହେବ ଓଡିଶାରେ ଅପରାଧ ବଢ଼ିଛି । ଢେଙ୍କାନାଳରେ ମଧ୍ୟ ବିକାଶ ହେଉନି । ଗଣେଶ ବଜାର ଛକରେ ଟ୍ରାଫିକରେ ନାଲି ଲାଇଟ୍‌ଟିଏ ମଧ୍ୟ ଲାଗି ପାରି ନାହିଁ ବୋଲି ବୈଜୟନ୍ତ କହିଥିଲେ। ଏହାପରେ ସେ ସପ୍ତଶଯ୍ୟା ଅଭିମୁଖେ ଯାଇଥିଲେ ।



ଢେଙ୍କାନାଳ ଗଣେଶ ବଜାରଠାରେ ହେଇଯାଉ କାର୍ଯ୍ୟକ୍ରମରେ ବୈଜୟନ୍ତ ପଣ୍ଡା।

### ଅନୁଗୋଳର ଶିକ୍ଷୟିତ୍ରୀ ସମ୍ମାନିତ

ଅନୁଗୋଳ ଅଫିସ, ୩୦।୯

ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ଠାରେ ୪ର୍ଥ ଦଧିଚି ମହୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁ ପରେ ନିଜ ଶରୀର ଓ ଅଙ୍ଗଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ଶତାଧିକ ବ୍ୟକ୍ତିଙ୍କୁ ଏହି ସମାରୋହରେ ସମ୍ମାନିତ କରାଯାଇଥିଲା। ଅନୁଗୋଳ ଜିଲାର ଶିକ୍ଷୟିତ୍ରୀ ରାଜଶ୍ରୀ ଶତପଥୀ ନିଜ ଶରୀର ଓ ଅଙ୍ଗଦାନ ପାଇଁ ପ୍ରତିଶ୍ରୁତି ବଦ୍ଧ ହୋଇଥିବାରୁ ଏହି ମହୋତ୍ସବରେ ସମ୍ମାନିତ ହୋଇଥିଲେ। ଡକ୍ଟର ପ୍ରଭାସ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି ସଭାରେ ଏମ୍‌ପି ରିତା ତରାଇ, ଅନୁଭବ ମହାନ୍ତି, ଡ.ମଧୁସୂଦ ପାଢ଼ୀ, ଡ.ପ୍ରଫୁଲ୍ଲ କୁମାର ମହାପାତ୍ର, ଡ. ରଘୁନାଥ ମହାପାତ୍ର, ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ, ସାମାଜିକ କର୍ମୀ ଡ.ବାମାପଦ ତ୍ରିପାଠୀ ଉପସ୍ଥିତ ଥିଲେ।

### ୨୨୦୦ ଲିଟର ପୋଚ ନଷ୍ଟ

ଭୁବନ,୩୦।୯(ଡି.ଏନ.ଏ.)

ଭୁବନ ଥାନା ଚନ୍ଦାର ଗ୍ରାମରେ ରବିବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୨୦୦ଲିଟର ପୋଚ ଜବତ କରାଯାଇଛି। କାମାକ୍ଷାନଗର ଅବକାରୀ ଏସ୍‌ଆଇ ସ୍ୱପ୍ନାରାଣୀ ସାହୁଙ୍କ ତତ୍ତ୍ୱାବଧାନରେ ବିଜୟ ଭଞ୍ଜ ଓ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଗ୍ରାମ ନିକଟସ୍ଥ ପାଣ୍ଡରା ନାଳ ଓ ଆଖପାଖ ଅଞ୍ଚଳରେ ମଦ ରାନ୍ଧିବାକୁ ମହୁଲ ପୋଚ ଲୁଚା ଯାଇଥିବା ଖବରପାଇ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।

### ସେଲ୍‌ଫି କର୍ନର



@ ଜ୍ୟୋତିଷ



@ ଜ୍ୟୋତିପ୍ରକାଶ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ତ୍ୱରିତ ସେବା ଯୋଗାଇବା ଉପରେ ଗୁରୁତ୍ୱ ଦେଉଛି



୫ଟି ପ୍ରଶ୍ନ

୨୦୧୮ ମେ ୨୮ରୁ ବଅଁରପାଳ ତହସିଲଦାର ଭାବେ କାର୍ଯ୍ୟ କରୁଛନ୍ତି ଜିତେନ୍ଦ୍ର କୁମାର ସାହୁ। ଘର ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ। ୧୯୯୮ରେ ସମ୍ବଲପୁର ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟରେ କନିଷ୍ଠ ସହାୟକ ଭାବେ ସେ ଚାକିରି ଜୀବନ ଆରମ୍ଭ କରିଥିଲେ। ୨୦୦୭ରେ ପଦୋନ୍ନତି ପାଇ ସେହି କାର୍ଯ୍ୟାଳୟର ବରିଷ୍ଠ ସହାୟକ ହୋଇଥିଲେ। ୨୦୧୭ ଅଗଷ୍ଟରେ ବଅଁରପାଳ ଅତିରିକ୍ତ ତହସିଲଦାର ଭାବେ ଦାୟିତ୍ୱ ନେଇଥିଲେ। ସାଧାରଣ ଲୋକେ କିଭଳି କାର୍ଯ୍ୟାଳୟରୁ ତୁରନ୍ତ ସେବା ପାଇପାରିବେ ସେଥିପ୍ରତି ସର୍ବଦା ଗୁରୁତ୍ୱ ଦେଉଛି ବୋଲି ତହସିଲଦାର ସାହୁ କହିଛନ୍ତି।

**୧- ପ୍ରଥମ ଦରମା କ’ଣ କରିଥିଲେ?**

ଉ- ପରିଶ୍ରମର ଫଳ ବା ପ୍ରଥମ ଦରମା ପାଇବା ବେଳେ ବେଶ୍ ଖୁସି ଲାଗିଥିଲା। ତାହାକୁ ମାଆଙ୍କୁ ଦେଇଥିଲି।

**୨- ସ୍ତ୍ରୀଙ୍କ କେଉଁ ହାତରନ୍ଧା ଖାଦ୍ୟ ଭଲ ଲାଗେ?**

ଉ- ସ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଖାଦ୍ୟ ଭଲ ଲାଗେ। ତେବେ ଶାଗ, କଖାରୁ ଫୁଲ ଭଜା, ଦହି ପଖାଳ ଅଧିକ ପସନ୍ଦ। ଛୁଟିରେ ଘରକୁ ଗଲେ ଏସବୁ ଖାଦ୍ୟ ଖାଇବାର ସୁଯୋଗ ମିଳିଥାଏ।

**୩- ଶାରୀରିକ ସୁସ୍ଥତା ପାଇଁ କ’ଣ କରନ୍ତି?**

ଉ- ଚାକିରି କରିବା ପୂର୍ବରୁ ବଡିବିଲ୍‌ଡିଂ କରୁଥିଲି। ଏଥିସହିତ ପ୍ରତ୍ୟେକ ଦିନ ପ୍ରାତଃ ଭ୍ରମଣରେ ଯାଇଥାଏ। ଚାକିରି କରିବା ପରେ ଏହାକୁ ଠିକ୍ ଭାବେ କରିପାରୁ ନାହିଁ। ତଥାପି ସମୟ ମିଳିଲେ ବ୍ୟାୟାମ କରିଥାଏ।

**୪- କେଉଁ ପୁସ୍ତକ ପଢ଼ିବାକୁ ଭଲ ଲାଗେ?**

ଉ- ବିଭିନ୍ନ ଉପନ୍ୟାସ ଓ ଗଳ୍ପ ବହି ପଢ଼ିବା ପାଇଁ ମୋତେ ଭଲ ଲାଗେ। ଏଥିସହିତ ରୋମାଣ୍ଟିକ ସଙ୍ଗୀତ ଶୁଣିବାରେ ଆନନ୍ଦ ମିଳିଥାଏ।

**୫- କିଭଳି ଉତ୍ତମ ସେବା ଲୋକଙ୍କୁ ଯୋଗାଇବେ?**

ଉ- ଜନସାଧାରଣ କିଭଳି ତୁରନ୍ତ ସେବା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେଉଛି। ବିଶେଷକରି କାର୍ଯ୍ୟାଳୟରୁ ଯେପରି କୌଣସି ଲୋକ ସେବାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେଉଛି।

ରିପୋର୍ଟ- ଉପେନ୍ଦ୍ର ରାଉତ

## ବଣମଲ୍ଲୀଙ୍କ ବିକାଶ କରିବ ‘ମୁଁ ହିରୋ’



ମୁଁ ହିରୋ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ।

କଣିହାଁ,୩୦।୯(ଡି.ଏନ.ଏ.)

କଣିହାଁ ମହାବିଦ୍ୟାଳୟରେ ରବିବାର ‘ମୁଁ ହିରୋ ମୁଁ ଓଡ଼ିଶା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କଣିହାଁ ବିଡିଓ ରମେଶ କୁମାର ଜେନା, ଏବିଡିଓ ରାହସ ଚନ୍ଦ୍ର ନାଏକ, ଯୁକ୍ତ ୨ ଅଧ୍ୟକ୍ଷ ଆଲୋକ ରଞ୍ଜନ ପାତ୍ର, ଯୁକ୍ତ ୩ ଅଧ୍ୟକ୍ଷ ମନୋଜ ସ୍ୱାଇଁ, ପାଲଲହଡ଼ା ବିଧାୟକଙ୍କ ପ୍ରତିନିଧି ସୁନୀଲ ପ୍ରଧାନ, ଜିଲା ବିଜୁ ଯୁବ ବାହିନୀ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ସାହୁ, ଦିବ୍ୟଲୋଚନ କର୍ଣ୍ଣ, ଦିନେଶ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଯେ, ଏହି ଯୋଜନା ଦ୍ୱାରା ବଣମଲ୍ଲୀ ପରି ଗାଁଗଣ୍ଡାରେ ଲୁକ୍କାୟିତ ଯୁବ ପ୍ରତିଭାର ବିକାଶ ହୋଇପାରିବ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଯୁବବାହିନୀ ସଦସ୍ୟ ଓ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବ୍ଲକ କର୍ମଚାରୀ ଶରତ ଚନ୍ଦ୍ର ବିଶ୍ୱାଳ, ବିଜୁ ଯୁବ ବାହିନୀର ଭିକାରୀ ଜେନା, ବିକାଶ କୁମାର ପ୍ରଧାନ, କଲେଜ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟ ସରକାରଙ୍କ ବିରୋଧରେ ପଥପ୍ରାନ୍ତ ସଭା

ବନ୍ତଲା, ୩୦।୯ (ଡି.ଏନ.ଏ.)

ରାଜ୍ୟର ନବୀନ ସରକାରଙ୍କ ବିରୋଧରେ ରବିବାର ବନ୍ତଲା ଛକରେ ଭାଜପା ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ୪ ନମ୍ବର ଜୋନ ବନ୍ତଲା ମଣ୍ଡଳ ସଭାପତି ଅମୂଲ୍ୟ ପ୍ରଧାନଙ୍କ ଆହ୍ୱାନ କ୍ରମେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ଅମାନ୍ତଙ୍କ ନେତୃତ୍ୱରେ ଏହି ସଭା କରାଯାଇଥିଲା। ଉପସ୍ଥିତ ଦଳୀୟ ନେତାମାନେ କହିଥିଲେ ଯେ, କେନ୍ଦ୍ର ସରକାରଙ୍କ ଅନେକ ଜନହିତକାର ଯୋଜନାକୁ ନବୀନ ସରକାର ହଡ଼ପ କରି ନିଜ ନାମରେ ଭୋଟ ବ୍ୟାଙ୍କ ତିଆରି କରୁଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟବୀମା ଯୋଜନାକୁ ରାଜ୍ୟବାସୀଙ୍କ ନିକଟରେ ପହଞ୍ଚାଇ ନ ଦେବାର ଅପଚେଷ୍ଟା ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି। ଗରିବ ଦିନ ମଜୁରିଆ ଓ ସର୍ବସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟବୀମା ଆୟୁଷ୍ମାନ ଭାରତ ଲାଗୁ କରିଛନ୍ତି। ଦେଶର ଅନେକ ରାଜ୍ୟ ଏହି ଯୋଜନାକୁ ଗ୍ରହଣ କରି କାର୍ଯ୍ୟକାରୀ କରୁଥିବାବେଳେ ଓଡ଼ିଶା ସରକାର ରାଜ୍ୟବାସୀଙ୍କ ଜୀବନ ପ୍ରତି ପ୍ରତାରଣା କରୁଛନ୍ତି। ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଦାବିରେ ଆଜିଠାରୁ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରତିବାଦ ସଭାକୁ ଜିଲା ଉପସଭାପତି ତଥା ସଙ୍ଗଠନ ପ୍ରଭାରୀ ପ୍ରସନ୍ନ କୁମାର ନାୟକ ସଞ୍ଚାଳନ କରିଥିବାବେଳେ ଅନୁଗୋଳ ବିଧାନସଭା କ୍ଷେତ୍ର ସଙ୍ଗଠନ ପ୍ରଭାରୀ ଯଯାତି ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ସଂଘମିତ୍ରା ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ଦିଲୀପ କୁମାର ପ୍ରଧାନ, ଲୋଚନ ସାହୁ, ବିନୋଦିନୀ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ନାରାୟଣ ସାହୁ, ନରେନ୍ଦ୍ର ସାହୁ, ପ୍ରଶାନ୍ତ ସିଂହ, କ୍ଷିରୋଦ ପ୍ରଧାନ, ରଶ୍ମିରଞ୍ଜନ ମିଶ୍ର, ମାୟାଧର ପ୍ରଧାନ, ସୁକାନ୍ତ ସାହୁ, ସୁମନ୍ତ ବେହେରା, ମାୟାଧର ସେଠୀ, ଚରଣ ପ୍ରଧାନ, ସୁଶିଲ ସାହୁ, ସୁମନ୍ତ ସାହୁ, ରିଙ୍କି ତ୍ରିପାଠୀ, ତପନ ଦାସ, ହେମନ୍ତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର




ଅନୁଗୋଳ ଜିଲା ଦଣ୍ଡସିଂହା ନୋଡାଲ ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ କର୍ମଚାରୀ ପ୍ଲାଷ୍ଟିକ ମୁକ୍ତ ଅଭିଯାନରେ ସାମିଲ ହୋଇଛନ୍ତି।



ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ‘ଧରିତ୍ରୀ’ ଓ ‘ଓଡ଼ିଶା ପୋଷ୍ଟ’ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ସମର୍ଥନ କରୁଛନ୍ତି।

